ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK
पर्यवेक्षक

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.121 Bhubaneswar Friday June 24 2022 | ୨୫ତମ ବର୍ଷ ସଂଖ୍ୟା-୧୨୧ ଭୁବନେଶ୍ୱର, ଶୁକ୍ରବାର, ଜୁନ ୨୪, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ଭାଟିକାନ ସିଟିରେ ମୁଖ୍ୟମନ୍ତ୍ରୀଙ୍କ ସହ ମହିଳା ଜଣକ କିଏ ?

ଭୁବନେଶ୍ୱର,୨୩।୬(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୋମ ଗସ୍ତର ତୃତୀୟ ଦିନରେ ଭାଟିକାନସିଟିର 'ଜେନେରାଲ ଅଡିଏନ୍ସ' କାର୍ଯ୍ୟକ୍ରମରେ ସାମିଲ ହୋଇ କ୍ୟାଥେଲିକ ଧର୍ମଗୁରୁ ପୋପ୍ ଫ୍ରାନ୍ସିସଙ୍କୁ ସାକ୍ଷାତ କରିବା ପଛରେ କ'ଣ ରହସ୍ୟ ରହିଛି ତାକୁ ନେଇ ଓଡିଶାରେ ଚର୍ଚ୍ଚା ଆରମ୍ଭ ହୋଇଛି । ବୁଧବାର ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସେଂଟ୍ ପିଟର୍ସ ସ୍କ ?ୟାରରେ ଟାଣଖରାରେ ୪୦ମିନିଟ୍ ଧରି ଅପେକ୍ଷା କରିବା ପରେ ସାଧାରଣ ଜନତାଙ୍କ ଭଳି ଧାଡିରେ ଛିଡା ହୋଇ ନିଜ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନ ଓ ଅନ୍ୟଜଣେ ମହିଳାଙ୍କ ସହ ମିଶି ମାତ୍ର ୫୬ ସେକେଣ୍ଡ ପାଇଁ ପୋପ୍ ଫ୍ରାନ୍ସିସଙ୍କୁ ଭେଟିଥିଲେ । ତେବେ ଏହି ମହିଳାଜଣକ କିଏ ଓ ମୁଖ୍ୟମନ୍ତ୍ରୀଙ୍କ ସହ କ'ଣ ତାଙ୍କର ସମ୍ପର୍କ ଏବଂ ପୋପଙ୍କୁ ଭେଟିବାବେଳେ ସେ କାହିଁକି ଛାଇ ଭଳି ରହିଥିଲେ ତାକୁ ନେଇ ଏବେ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଆରମ୍ଭ ହୋଇଛି ।ମିଳିଥିବା ସୂଚନା ଅନୁସାରେ, ପୋପ୍ ଫ୍ରାନ୍ସିସଙ୍କୁ ଭେଟିବାକୁ ବୁଧବାର ସେଂଟ ପିଟର୍ସ ସ୍କୟାରରେ ପ୍ରାୟ ୯ଟା ୧୫ମିନିଟରୁ ୧୦ଟା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଟାଣ ଖରାରେ ସ୍ୱତନ୍ତ୍ର ଅତିଥିଙ୍କ ପାଇଁ ଉଦ୍ଦିଷ୍ଟ ଚେୟାର(ମାଗଣା କିନ୍ତୁ ଟିକେଟ୍ ବୁକିଂ କରିବାକୁ ପଡ)ରେ ଅପେକ୍ଷା କରି ରହିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ମଝିରେ ବସିଥିବାବେଳେ ତାଙ୍କ ଡାହାଣ ପାଶ୍ୱର୍ରେ ଶ୍ରୀ ପାଣ୍ଡିଆନ ଓ ବାମପାଶ୍ୱର୍ରେ ସମ୍ପୃକ୍ତ ମହିଳାଜଣକ ବସିଥିଲେ । ଖୋଲା ଆକାଶତଳେ ଟାଣଖରାରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ତାଙ୍କର ମୁଖ୍ୟମନ୍ତ୍ରୀତ୍ୱ କାଳରେ ପ୍ରଥମଥର ପାଇଁ ଏତେ ସମୟ ବସି ରହିଥିବା ଦେଖିବାକୁ ମିଳିଥିଲା । ଅବଶ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଟାଣ ଖରାରୁ ଆଶ୍ୱସ୍ତି ଦେବା ପାଇଁ ତାଙ୍କ ବ୍ୟକ୍ତିଗତ ସଚିବ ଶ୍ରୀ ପାଣ୍ଡିଆନ ହାତରେ ପେପର ହଲାଇ ପବନ କରାଉଥିଲେ। ମାତ୍ର ଟାଣ ଖରାରେ ତାହା ବିଶେଷ ଫଳପ୍ରଦ ନହେବାରୁ ଏକ ଟୋପି ମଧ ମୁଖ୍ୟମନ୍ତ୍ରୀଙ୍କୁ ପିନ୍ଧିବାକୁ ଦିଆଯାଇଥିବା ସୂଚନା ମିଳିଛି ।ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ସହ ଏହି ସମୟରେ ନଜର ଆସିଥିବା ସମ୍ପୃକ୍ତ ମହିଳାଜଣକ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ବଡଭାଇ ପ୍ରେମ ପଟ୍ଟନାୟକଙ୍କ ଝିଅ ଗାୟତ୍ରୀ ବୋଲି ଚର୍ଚ୍ଚା ହେଉଛି । ମାତ୍ର ସମ୍ପୃକ୍ତ ମହିଳାଜଣକ ଗାୟତ୍ରୀ ନୁହଁନ୍ତି ଅନ୍ୟ କେହି ବୋଲି ତାଙ୍କୁ ଜାଣିଥିବା ଲୋକଙ୍କ ସୂତ୍ରରୁ ଜଣାପଡିଛି । ଅନ୍ୟ ଏକ ସୂତ୍ର ଅନୁସାରେ ସମ୍ପୃକ୍ତ ମହିଳା ଜଣେ ଭାରତୀୟ । ରୋମରେ ସେ ଏକ ପ୍ରତିଷ୍ଠିତ ସଂସ୍ଥାରେ କାର୍ଯ୍ୟରତ ଅଛନ୍ତି । ତାଙ୍କ ମାଧ୍ୟମରେ ପୋପଙ୍କ ସହ ସାକ୍ଷାତର କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଥିଲା ବୋଲି ଶୁଣିବାକୁ ମିଳୁଛି । ମାତ୍ର ଏବେ ପ୍ରଶ୍ନ ଉଠୁଛି, ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସରକାରୀ ଗସ୍ତରେ ରୋମକୁ ଯାଇଥିବାବେଳେ ପୋପ୍ ଫ୍ରାନ୍ସିସଙ୍କ ସହ ତାଙ୍କର ସାକ୍ଷାତକୁ କାହିଁକି ସରକାରୀ ଭାବେ ସ୍ଥିରୀକୃତ କରାଗଲାନି ପ୍ରାୟ ଦେଢ଼ ମାସ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ରୋମ ଗସ୍ତକୁ ସରକାରୀ ଭାବେ ଚୂଡାନ୍ତ କରାଯାଇଥିବା ସତ୍ତ୍ୱେ ୭୬ବର୍ଷ ବୟସ୍କ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ କାହିଁକି ଦୀର୍ଘ ୪୦ମିନିଟରୁ ଅଧିକ ସମୟ ଟାଣଖରାରେ ବସିବାକୁ ଦିଆଗଲା ପୋପ୍ ଫ୍ରାନ୍ସିସ ଓ ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ ପାଇଁ 'ଜେନେରାଲ ଅଡିଏନ୍ସ' କାର୍ଯ୍ୟକ୍ରମକୁ କାହିଁକି ଓ କିଏ ଚୟନ କରିଥିଲେ ? ପୋପଙ୍କ ସହ ଗୋଟିଏ ମିନିଟରୁ କମ୍ ସମୟର ସାକ୍ଷାତରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଓ ଓଡିଶାବାସୀଙ୍କୁ କ'ଣ ଫାଇଦା ମିଳିଲା, ତାକୁ ନେଇ ଏବେ ନାନାଦି ଚର୍ଚ୍ଚା ଲାଗି ରହିଛି ।



# ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଦ୍ରୌପଦୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୩।୬(ପି.ଏନ): ଆସନ୍ତାକାଲି (ଶୁକ୍ରବାର)ରାଷ୍ଟ୍ରପତି ପଦବୀ ପାଇଁ ନାମାଙ୍କନ ଦାଖଲ କରବେ ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ। ଏହା ପୂର୍ବରୁ ଶ୍ରୀମତୀ ମୁର୍ମୁ ଦିଲ୍ଲୀ ଯାଇ ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ରମନ୍ତ୍ରୀମାନଙ୍କୁ ଭେଟିଛନ୍ତି। ଗୁରୁବାର ପୂର୍ବାହ୍ନରେ ଭୁବନେଶ୍ୱରରୁ ବିମାନ ଯୋଗେ ନୂଆଦିଲ୍ଲୀରେ ପହଂଚିବା ପରେ ପ୍ରଥମେ ଦ୍ରୌପଦୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ଉଭୟଙ୍କ ଭେଟଘାଟର ଫଟୋ ପ୍ରଧାନମନମନ୍ତ୍ରୀ ମୋଦି ଟ୍ୱିଟ କରିଛନ୍ତି। ମୋଦି ଲେଖିଛନ୍ତି ଦ୍ରୌପଦୀ ମୁର୍ମୁଙ୍କ ପ୍ରାର୍ଥୀତ୍ୱକୁ ସମଗ୍ର ଦେଶରେ ସମର୍ଥନ ମିଳୁଛି। ସମାଜର ସମସ୍ତ ବର୍ଗରୁ ଦ୍ରୌପଦୀଙ୍କୁ ବିପୁଳ ସମର୍ଥନ ମିଳୁଛି। ସମାଜର ତୃଣମୂଳସ୍ତରରେ ସମସ୍ୟାକୁ ସେ ସଠିକ୍ ଭାବେ ହୃଦୟଙ୍ଗମ କରିଥିବା ମୁର୍ମୁଙ୍କର ଦେଶର ଉନ୍ନତି ପାଇଁ ତାଙ୍କର ଦୂରଦୃଷ୍ଟି ବେଶ ମହତ୍ୱପୂର୍ଣ୍ଣ । ସେହିପରି ଦ୍ରୌପଦୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ମଧ ଭେଟିଛନ୍ତି। ଏଥିସହ ବଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡାଙ୍କ ସମେତ ବିଭିନ୍ନ କେନ୍ଦ୍ରୀୟ ନେତାଙ୍କୁ ଭେଟିଛନ୍ତି। ଅପରାହ୍ନରେ ସେ ଉପରାଷ୍ଟ୍ରପତି ଭେଙ୍କିୟା ନାଇଡୁଙ୍କୁ ମଧ୍ୟ ଭେଟିଛନ୍ତି। ଗୁରୁବାର ସକାଳେ ୯ଟା ୪୦ରେ ସେ ଭୁବନେଶ୍ୱର ବିମାନବନ୍ଦରରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲେ। ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ମନୋନୀତ ହୋଇଥିବାରୁ ଏହି ଅବସରରେ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ସହଯୋଗ କାମନା କରିଥିଲେ। ଏମସିଏଲ୍ ଗେଷ୍ଟ ହାଉସ୍ ରୁ ଜେଡ ପ୍ଲସ ସୁରକ୍ଷାରେ ଆସିବା ପରେ ତାଙ୍କୁ ସ୍ୱାଗତ କରିବାକୁ ପାରମ୍ପରିକ ନାଚଗୀତରେ ଦୁଲୁକିଥିଲା ବିମାନବନ୍ଦର। ବିମାନବନ୍ଦରରେ ଅସମ୍ଭବ ଭିଡ଼ ଜମିଥିଲା। ଦ୍ରୌପଦୀଙ୍କୁ ଶୁଭେଚ୍ଛା ଜଣାଇବା ନିମନ୍ତେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବହୁ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମୀ, ବିଜେପି ନେତା ଓ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# ତାଳଧ୍ୱଜ ରଥରେ ବଙ୍କାଚକ ପଇଫାଟ ବିପଦ ବଢିବା ଆଶଙ୍କା

ପୁରୀ,୨୩।୬(ପି.ଏନ): ଚଳିତବର୍ଷ ରଥନିର୍ମାଣ କାର୍ଯ୍ୟ ଆଗୁଆ ହୋଇଛି । ପାରଭାଡ଼ି ସହ କନକମୁଣ୍ଡି ନିର୍ମାଣକାର୍ଯ୍ୟ ଶେଷ ପର୍ଯ୍ୟାୟରେ । ସିଂହାସନ ପଟା,ପ୍ରଭା କାମ ଚାଲିଛି । ଭୂଇଁପଟା ବାଡ଼ିଆ ହେଉଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ତିନିରଥରେ ଅର ଓ ପହିରେ ଚଢ଼କ ଫାଟ ରହିଥିବାରୁ ଯନ୍ତ୍ରୀ ଓ ମହାରଣାମାନେ ଶଙ୍କାରେ ରହିଛନ୍ତି । ଅନେକ ଅରରେ କ୍ଲାମ୍ପ ଦିଆଯାଇଥିବା ଦେଖାଯାଇଛି । କେତକେ ସ୍ଥାନରେ ଯୋକିଆ ବାନିଆ ହୋଇଛି । କଟକ ଖପୁରିଆ ସ-ମିଲରୁ ଅଧିକ ସଂଖ୍ୟକ କଟିଙ୍ଗ ପଇଁ ଆସିନଥିବାରୁ ଚଢ଼କ ଥିବା ଓ ପୋକାଗଣ୍ଠି ଥିବା ପଇକୁ ବାଧ ହୋଇ ମହରଣାମାନେ ଚକରେ ସେଟିଙ୍ଗ୍ କରୁଛନ୍ତି । ସମ୍ପୂର୍ଣ୍ଣ ଚକଦଣ୍ଡା ଉପରେ ରଥର ଭାର ପଡ଼ିବା ପରେ ଏବେ ଚକ ବଙ୍କଇବା ଓ ଅଖଠେସକୁ ମୋଡ଼ିଦେବା ଆଦି ଲକ୍ଷଣ ଦେଖାଯାଉଛି । ଯନ୍ତ୍ରୀମାନେ ଉପର ଠାଉରିଆ ତନଖି କରୁଥିବା ବେଳେ ପଇ ଚଢ଼କ ଫାଟ ବିପଦ ସୃଷ୍ଟି କରିବ ବୋଲି ଅଭିଜ୍ଞ କାରିଗରମାନେ ଆଶଙ୍କା କରିଲେଣି । ଗତଦୁଇ ବର୍ଷଧରି କେବଳ ସେବାୟତମାନେ ରଥବାନା ନିର୍ଦ୍ଦେଶ ଅନୁଯାୟୀ ବଡ଼ଦାଣ୍ଡରେ ସଳଖରେ ଭିଡ଼ିବା ଯୋଗୁଁ ଶୀଘ୍ର ରଥ ଲାଗିଯାଇଥିଲା । ଚଳିତବର୍ଷ ଭକ୍ତ ଟାଣିବେ ରଥ । ଲହଡ଼ି ପରି ଭକ୍ତମାନେ ଏଣେତେଣେ ଟାଣିବା ଫଳରେ ଚକର ପଇ ଉପରେ ଚାପ ସୃଷ୍ଟି ହେବ । ଯାହାକୁନେଇ ଏବେ ଚିନ୍ତାରେ ଅଛନ୍ତି ମହରଣାମାନେ । ଅନ୍ୟପକ୍ଷରେ ରେଲବାଇ ବିଭାଗ ଆସ୍ତେ ଆସ୍ତେ ରଥନିର୍ମାଣ କଳାକୌଶଳକୁ ଆପଣେଇବା ପାଇଁ ଚେଷ୍ଟାକରୁଥିବା ଆଭାସ ମିଳିଲାଣି । ରଥ ଦାୟୀତ୍ୱରେ ଥିବା ଜୈନିକ ଜେଇ ଦୀର୍ଘ ବର୍ଷଧରି ସେହି ଦାୟୀତ୍ୱରେ ରହିବାରୁ ତାଙ୍କର କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି ।

## ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ କଥା ହେଲେ ବିଜେପି ରାଷ୍ଟ୍ରୀୟ ସଭାପତି ନଡ୍ଡା

ଭୁବନେଶ୍ୱର,୨୩।୬(ପି.ଏନ): ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ନାମାଙ୍କନ ନେଇ ବିଜେପିର ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା ବିଜେଡି ମୁଖ୍ୟ ତଥା ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ କଥାବାର୍ତା କରିଛନ୍ତି । ମୁଖ୍ୟମନ୍ତ୍ରୀ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

ସେ କହିଛନ୍ତି ଯେ ଶ୍ରୀମତୀ ମୁର୍ମୁଙ୍କ ନାମାଙ୍କନ ପତ୍ରରେ ଦୁଇ ଜଣ ମନ୍ତ୍ରୀ ଜଗନ୍ନାଥ ସାରକା ଓ ଶ୍ରୀମତୀ ଟୁକୁନୀ ସାହୁ ପ୍ରସ୍ତାବକ ରହିବେ । ଏହା ସହ ଏହି ଦୁଇ ଜଣ ମନ୍ତ୍ରୀ ନାମାଂକନ ପତ୍ର ଦାଖଲ ସମୟରେ ଉପସ୍ଥିତ ରହିବେ ବୋଲି ଶ୍ରୀ ପଟ୍ଟନାୟକ ଟ୍ୱିଟ କରି ସୂଚନା ଦେଇଛନ୍ତି ।

ଉଲ୍ଲେଖନୀୟ ଯେ ବୁଧବାର ଦିନ ଶ୍ରୀ ପଟ୍ଟନାୟକ ଟ୍ୱିଟ କରି ରାଜ୍ୟର ସମସ୍ତ ବିଧାୟକଙ୍କୁ ଦଳୀୟ ଲାଇନରୁ ଉପରକୁ ଯାଇ ଶ୍ରୀମତୀ ମୁର୍ମୁଙ୍କୁ ସମର୍ଥନ ଦେବାକୁ ଅପିଲ କରିଥିଲେ ।

# ପୋଖରୀରେ ଫସି ମରିଥିବା ହାତୀକୁ ହୋଇଥିଲା ଗୁଳିମାଡ

ସମ୍ବଲପୁର ,୨୩।୬(ପି.ଏନ): ହାତୀକୁ ହୋଇଥିଲା ଗୁଳିମାଡ। ପୋଷ୍ଟମର୍ଟମ ବେଳେ ହାତୀ ଶରୀରରେ ଗୁଳି ଥିବା ସ୍ପଷ୍ଟ ହୋଇଥିଲା। ସମ୍ବଲପୁର ସାପଲହରା ଗାଁ ପୋଖରୀରେ ହାତୀ ମୃତ୍ୟୁକୁ ନେଇ ଏପରି ଚାଞ୍ଚଲ୍ୟକର ତଥ୍ୟ ଦେଇଛନ୍ତି ଡିଏଫ୍ଓ ବିଶ୍ୱନାଥ ନୀଳାମ୍ବରନ୍। ଏହା ପରେ ତତ୍ପର ହୋଇଛି ବନ ବିଭାଗ। ବିଭିନ୍ନ ଦଫାରେ ମାମଲା ରୁଜୁ ୩ ଜଣ ଶିକାରୀଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି ବୋଲି ଡିଏଫ୍ଓ କହିଛନ୍ତି ।ସମ୍ବଲପୁର ଡିଏଫ୍ଓ ବିଶ୍ୱନାଥ ନୀଳାମ୍ବରନ୍ଙ୍କ କହିବା ଅନୁସାରେ ଗୁଳି ମାଡରେ ଆହତ ହୋଇ ଗୋଟିଏ ଦନ୍ତାହାତୀ ଜଙ୍ଗଲରେ ଝୁଣ୍ଟି ଝୁଣ୍ଟି ଚାଲୁଥିବା ନେଇ ମେ' ୨୮ ତାରିଖ ଖବର ଆସିଥିଲା। ସେହି ତଥ୍ୟକୁ ଆଧାର କରି ବନ ବିଭାଗ ଓ ପଶୁ ଡାକ୍ତର ଟିମ୍ ଜଙ୍ଗଲକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଜୁନ୍ ୨ ତାରିଖରେ ହାତୀକୁ ଟ୍ରାଙ୍କୁଲାଇଜ କରାଯାଇ ଚିକିତ୍ସା କରାଯାଇଥିଲା। ହାତୀ ଦେହରେ ଗୁଳି ଅଛି କି ନାହିଁ ଜାଣିବା ପାଇଁ ଚିକିତ୍ସା ପରେ ମେଟାଲ୍ ? ଡିଟେକ୍ଟର ବ୍ୟବହାର କରାଯାଇଥିଲା। ମାତ୍ର ସେଥିରେ କିଛି ବାହାରିନଥିଲା। ହାତୀ ଖିଆ ପିଆ କରିବା ପରେ ଛାଡି ଦିଆଯାଇଥିଲା ବୋଲି ଡିଏଫ୍ଓ କହିଛନ୍ତି ।ସେ ଆହୁରି କରିଛନ୍ତି, ଜୁନ ୧୭ ତାରିଖରେ ସେହି ଦନ୍ତାହାତୀଟି ସମ୍ବଲପୁର ସାପଲହରା ଗାଁ ପାର୍ଶ୍ୱ ପୋଖରୀରେ ଫସି ଯାଇଥିଲା। ତା'ପର ଦିନ ଅର୍ଥାତ ୧୮ ତାରିଖରେ ବିଶେଷଜ୍ଞଙ୍କ ପରାମର୍ଶରେ ପୋଖରୀ ଭିତରେ ହାତୀକୁ ଚିକିତ୍ସା କରାଯାଇଥିଲା। ସେତେବେଳେ ମଧ ମେଟାଲ ଡିଟେକ୍ଟରରେ ଯାଞ୍ଚ କରାଯାଇଥିଲା। ଚିକିତ୍ସା ଚାଲିଥିଲେ ମଧ ହାତୀର ସ୍ୱାସ୍ଥ୍ୟାବସ୍ଥାର କୌଣସି ଉନ୍ନତି ଘଟିନଥିଲା। ହାତୀଟି ଖାଉନଥିଲା। ଏହା ପରେ ପୁଣି ଥରେ ବିଶେଷଜ୍ଞଙ୍କ ପରାମର୍ଶ ନିଆଯାଇଥିଲା। ବିଶେଷଜ୍ଞଙ୍କ ପରାମର୍ଶ ଗତ ୨୧ ତାରିଖରେ ହାତୀକୁ ପୋଖରୀ ତୁଠକୁ ଆଣାଯାଇଥିଲା। ଏହା ପରେ ହାତୀ ମୃତ ବୋଲି ପ୍ରାଣୀ ଚିକିତ୍ସକ ଘୋଷଣା କରିଥିଲେ ବୋଲି ଡିଏଫ୍ଓ କହିଛନ୍ତି। ଡିଏଫ୍ଓ ନୀଳାମ୍ବରନ୍ ଆହୁରି କହିଛନ୍ତି, ମୃତ ହାତୀର ପୋଷ୍ଟମର୍ଟମ ହୋଇଥିଲା। ହାତୀ ଶରୀରେ ହୋଇଥିବା କ୍ଷତ ସ୍ଥାନରୁ ପାଖାପାଖି ୩୫ରୁ ୪୦ ସେମି ଭିତରେ ଗୋଟିଏ ଗୁଳି ରହିଥିଲା। ସେଥିପାଇଁ ହାତୀକୁ ସେପ୍ଟିସେମିଆ ହୋଇଯାଇଥିଲା। ହାତୀର ହାର୍ଟ, ଲଙ୍ଗ୍ସ ଓ ଲିଭର କାମ କରିବା ବନ୍ଦ ହୋଇଯାଇଥିଲା। ସେଥିପାଇଁ ହାତୀର ମୃତ୍ୟୁ ଘଟିଥିଲା। ହାତୀ ଶରୀରରେ ଗୁଳି ଥିବା ଜଣାପଡିବା ପରେ ସଙ୍ଗେ ସଙ୍ଗେ ଗୋଟିଏ ୟୁଡି କେସ୍ କରାଯାଇଥିଲା। ମାମଲାର ତଦନ୍ତ ପାଇଁ ଏକ ଟିମ୍ ଗଠନ କରାଯାଇଥିଲା। ୨୧ ତାରିଖ ରାତିରେ ବିଶେଷସୂତ୍ରରୁ ଖବର ପାଇ ବନ ବିଭାଗ ଚଢ଼ଉ କରି ଅଭିଯୁକ୍ତଙ୍କୁ ଧରିଥିଲା। ବର୍ତ୍ତମାନ ସୁଦ୍ଧା ୩ ଜଣଙ୍କୁ ଅଟକ ରଖାଯାଇ ଜେରା କରାଯାଉଥିବା ବେଳେ ଜଣେ ଫେରାର ଅଛନ୍ତି। କେଲାପାଟ ଅଞ୍ଚଳରେ ଗଛ ଉପରୁ ହାତୀକୁ ଗୁଳି କରିଥିବା ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି। ଆଜି ସେମାନଙ୍କ ଘରେ ରେଡ୍ ? କରାଯାଇ ଗୋଟିଏ ଦେଶୀ ବନ୍ଧୁକ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରାଯାଇଛି।



# ଦଳ ବିଭାଜନ ପାଇଁ ସଂଖ୍ୟା ହାସଲ କଲେ ଏକନାଥ ସିନ୍ଦେ, ଏକଘରକିଆ ହେଲେ ଉଦ୍ଧବ ଠାକରେ

ମୁମ୍ବାଇ,୨୩।୬(ପି.ଏନ): ଶିବସେନାର ବରିଷ୍ଠ ନେତା ଏକନାଥ ସିନ୍ଦେଙ୍କ ସପକ୍ଷରେ ବିଧାୟକଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଜଣଙ୍କ ପରେ ଜଣେ ଶବିସେନା ବିଧାୟକ ସିନ୍ଦେଙ୍କ କ୍ୟାମ୍ପରେ ଯୋଗ ଦେଉଥିବାରୁ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କ ଚିନ୍ତା ବଢ଼ିଛି। ଏଥିପାଇଁ ଶ୍ରୀ ଠାକରେ ଜରୁରୀ ବୈଠକ ଡାକିଛନ୍ତି। ମହାରାଷ୍ଟ୍ର ସରକାର ବିରୋଧରେ ବିଦ୍ରୋହ ଘୋଷଣା କରିବା ପରେ ସିନ୍ଦେ ଏବେ ନିଜ ସମର୍ଥିତ ବିଧାୟକଙ୍କ ସହ ଗୌହାଟୀରେ ରହିଛନ୍ତି। ଶିବସେନାର ମୋଟ ୫୫ ଜଣ ବିଧାୟକଙ୍କ ମଧ୍ୟରୁ ଗୌହାଟୀରେ ୩୭ ଜଣ ଉପସ୍ଥିତ ରହିଛନ୍ତି। ସେହିପରି ଆଉ ୨ ଜଣ ବିଧାୟକ ମୁମ୍ବାଇରୁ ସନ୍ଧ୍ୟା ସମୟରେ ଗୌହାଟୀ ଅଭିମୁଖେ ଯାତ୍ରା କରିଛନ୍ତି। ଏହାର ଅର୍ଥ ବର୍ତ୍ତମାନ ସୁଦ୍ଧା ଶିବସେନାର ୩୯ ଜଣ ବିଧାୟକ ଉଦ୍ଧବଙ୍କ ହାତ ଛାଡି ସାରିଲେଣି। ସେହିପରି ୩ ସ୍ୱାଧୀନ ବିଧାୟକଙ୍କୁ ମିଶାଇ ସିନ୍ଦେଙ୍କ କ୍ୟାମ୍ପରେ ବିଧାୟକଙ୍କ ସଂଖ୍ୟା ୪୨କୁ ବୃଦ୍ଧି ପାଇଛି ।ଦଳ ବିଭାଜନ ଓ ଦଳ ବଦଳ ନିରୋଧ ଆଇନକୁ ମାତ ଦେବା ପାଇଁ ଆବଶ୍ୟକ ୩୭ ଜଣ ବିଧାୟକଙ୍କ ସମର୍ଥନ ସିନ୍ଦେଙ୍କ ପାଖରେ ହୋଇ ସାରିଲାଣି। ଏହାର ଅର୍ଥ ସିନ୍ଦେ ଚାହିଁଲେ ବିଧାନସଭାରେ ସ୍ୱତନ୍ତ୍ର ଶିବସେନା ଦଳର ମାନ୍ୟତା ହାସଲ କରିପାରିବେ। କାରଣ ଏଥିପାଇଁ ମୋଟ ନିର୍ବାଚିତ ବିଧାୟକଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ। ଯେହେତୁ ସିନ୍ଦେଙ୍କ ପାଖରେ ୩୯ ଜଣ ବିଧାୟକଙ୍କ ସମର୍ଥନ ରହିଛି, ତେଣୁ କୌଣସି ବି ବିଧାୟକଙ୍କୁ ଦଳ ବିରୋଧୀ ଆଇନ ବଳରେ ଅଯୋଗ୍ୟ ଘୋଷଣା କରାଯାଇ ପାରିବ ନାହିଁ। ଏପରି ଏକ ସ୍ଥିତି ଉଦ୍ଧବ ଠାକରେଙ୍କ ଚିନ୍ତା ବ ?ାଇ ଦେଇଛି ।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଆଜି ସନ୍ଧ୍ୟାରେ ବିଦ୍ରୋହୀ କ୍ୟାମ୍ପରେ ଯୋଗଦେବାକୁ ବାହାରିଥିବା ୨ ଜଣଙ୍କ ମଧ୍ୟରେ ଜଣେ ଉଦ୍ଧବ ଠାକରେଙ୍କ ଅତ୍ୟନ୍ତ ଘନିଷ୍ଠ। ସେ ବିଦ୍ରୋହୀ ବିଧାୟକଙ୍କୁ ବୁଝାଇବା ପାଇଁ ସୁରତ ମଧ ଯାଇଥିଲେ। ହେଲେ ଏବେ ସେହି ବିଧାୟକଙ୍କ ଜଣଙ୍କ ଉଦ୍ଧବଙ୍କ ହାତ ଛାଡି ଦେଇଛନ୍ତି ।ଅନ୍ୟପକ୍ଷରେ ଦଳୀୟ ବିଧାୟକଙ୍କ ବିଦ୍ରୋହ ବଢୁଥିବାରୁ ଏହାକୁ ପ୍ରଶମିତ କରିବା ପାଇଁ ଶିବସେନା ନୂଆ ଚାଲ ଚଳାଇଛି। ଯଦି ୨୪ ଘଣ୍ଟା ଭିତରେ ବିଦ୍ରୋହୀ ବିଧାୟକମାନେ ମୁମ୍ବାଇ ଫେରି ଆସିବେ, ତା'ହେଲେ ଶିବସେନା ମହାରାଷ୍ଟ୍ରରେ ଏନସିପି ଓ କଂଗ୍ରେସ ସହ କରିଥିବା ମେଣ୍ଟର ଭବିଷ୍ୟତକୁ ନେଇ ବିଚାର କରିବ ବୋଲି ସର୍ତ୍ତ ରଖିଛି।



# ଦିଲ୍ଲୀ ଗଲେ ବିଜେପି ବିଧାୟକ

ଭୁବନେଶ୍ୱର, ୨୩।୬(ପି.ଏନ): ଆସନ୍ତାକାଲି (ଶୁକ୍ରବାର)ରାଷ୍ଟ୍ରପତି ନାମାଙ୍କନ ପତ୍ର ଦାଖଲ କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ଦିଲ୍ଲୀ ଗସ୍ତରେ ଗଲେ ଓଡିଶାର ବିଜେପି ବିଧାୟକଗଣ । ବିଜେପି ବିଧାୟକ କୁସୁମ ଟେଟେ, ଜୟ ନାରାୟଣ ମିଶ୍ର, ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, ପ୍ରକାଶ ସୋରେନ, ମୋହନ ମାଝି, ଡ. ବୁଦ୍ଧନ ମୁର୍ମୁ, ଜୟନ୍ତ ଷଡ଼ଙ୍ଗୀ, ନବ ଚରଣ ମାଝି ପ୍ରମୁଖ ଦିଲ୍ଲୀ ଯାଇଛନ୍ତି। ଶୁକ୍ରବାର ଦିନ ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀନୀ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ନାମାଙ୍କନପତ୍ର ଦାଖଲ କରିବେ।

# ୧୪ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୩।୬(ପି.ଏନ): ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଥିବା ବେଳେ ଆଗାମୀ ୨୪ଘଂଟା ମଧ୍ୟରେ ରାଜ୍ୟରେ ବର୍ଷା ଜାରି ରହିବ ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏଥିପାଇଁ ସବୁ ଜିଲ୍ଲାପାଳମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ ଘଂଟା ମଧ୍ୟରେ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଂଜାମ, ବୌଦ୍ଧ, ଅନୁଗୁଳ, କଟକ, ଢେ଼ଙ୍କାନାଳ, ମୟୂରଭଂଜ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ ଓ ଯାଜପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ଓଡିଶାର ଅନ୍ୟ ଜିଲ୍ଲାଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି ।ସେହିପରି ୨୪ରୁ ୨୫ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ,ଯାଜପୁର,କେନ୍ଦ୍ରାପଡା, କଟକ , ଜଗତସିଂହପୁର, କେନ୍ଦୁଝର , ଢେଙ୍କାନାଳ, ଅନୁଗୁଳ, ବୌଦ୍ଧ, ସୋନପୁର, କନ୍ଧମାଳ , ସମ୍ବଲପୁର ଓ ବରଗଡ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ବାଲେଶ୍ୱର , ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେବଗଡ, ଅନୁଗୁଳ , ଢେଙ୍କାନାଳ , କେନ୍ଦୁଝର, ମୟୁରଭଂଜ, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, ବୌଦ୍ଧ , କନ୍ଧମାଳ, ସୋନପୁର ଓ ବଲାଙ୍ଗୀର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର।

# ଆବାସ ଯୋଜନାରେ ଦୁର୍ନୀତି: ମୃତ ବ୍ୟକ୍ତିଙ୍କ ନାମରେ ଆସିଥିବା ଅର୍ଥ ହଡ଼ପ

ବଲାଙ୍ଗିର,୨୩।୬(ପି.ଏନ): ଆବାସ ଯୋଜନା ମହାଦୁର୍ନୀତି। ମୃତ ବ୍ୟକ୍ତିଙ୍କ ନାମରେ ଆସୁଛି ଆବାସ ଗୃହ ଟଙ୍କା, କିନ୍ତୁ ଯାଉଛି ଅନ୍ୟ ଜଣଙ୍କ ଆକାଉଂଟକୁ । ଏଭଳି ଅଭିଯୋଗ ଆସିଛି ବଲାଙ୍ଗିର ଜିଲ୍ଲା ପୁଇନ୍ତଳା ବ୍ଲକ ବିଲେଇସର୍ଡା ଗ୍ରାମରୁ । ଗରିବ ଓ ଆସହାୟଙ୍କୁ ସାହାଯ୍ୟ ପାଇଁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆରମ୍ଭ କରିଥିବା ବେଳେ ବଲାଙ୍ଗିରରେ ତାହା କିନ୍ତୁ ବାଟମାରଣା ହୋଇଛି । ମୃତ ଲୋକଙ୍କ ନାଁରେ ମଧ ଜାଲିଆତି କରି ଟଙ୍କା ଖାଇ ଯାଉଛନ୍ତି ସରକାରୀ ବାବୁ। ତେବେ ବଲାଙ୍ଗିର ଜିଲ୍ଲାର ପଲ୍ଲୀଠୁ ସହର ସବୁଠି ଏଥିରେ ବ୍ୟାପକ ଦୁର୍ନୀତି ଦେଖିବାକୁ ମିଳିଛି ।ଆବାସ ଯୋଜନାରେ ଦୁର୍ନୀତିର ଗନ୍ଧ, ମୃତବ୍ୟକ୍ତି ନାଁରେ ଚାଲିଛି ଅର୍ଥ ହଡପ। କିଛିଦିନ ତଳେ ଦୁର୍ନୀତି ଯୋଗୁଁ ଜଣେ ବୃଦ୍ଧା କଷ୍ଟ ଦେଇ ଉଇ ହୁଙ୍କା ଭଳି ଘରେ ରହିଥିବାର ଖବର ସାରା ରାଜ୍ୟରେ ଚର୍ଚ୍ଚାରେ ରହିଥିଲା । ତେବେ ଏଠି ମଧ ଦୁର୍ନୀତି ଯୋଗୁଁ ଏହି ଗରିବ ଅସହାୟ ବୃଦ୍ଧା ଏହିଭଳି ଘରେ ଦୀର୍ଘ ଆଠ ବର୍ଷରୁ ରହିଆସୁଥିଲେ । ଯାହା ଆବାସ ଯୋଜନାର ବିଫଳତାକୁ ହିଁ ବୟାନ କରୁଥିଲା । ଏବେ ପୁଣି ମୃତ ବ୍ୟକ୍ତିଙ୍କ ନାଁରେ ଆବାସ ଟଙ୍କା ହଡପ କରାଯାଉଥିବା ଅଭିଯୋଗ ହୋଇଛି । ବଲାଙ୍ଗିର ଜିଲା ପୁଇଁନ୍ତଳା ବ୍ଲକ ଅନ୍ତର୍ଗତ ବିଲେଇସର୍ଡା ଗ୍ରାମର ମୃତ ଭଗବାନ ବାଗଙ୍କ ନାମରେ ଟଙ୍କା ଉଠାଇ ଖାଇ ଦେଇଛନ୍ତି ଅଧିକାରୀ । ଏପରି ଅଭିଯୋଗ କରି ପ୍ରମାଣ ମଧ ଦେଇଛନ୍ତି ଭଗବାନଙ୍କ ପୁଅ ସତ୍ୟବାନ୍ ବାଗ । ଯେଉଁଥିରେ ତାଙ୍କ ମୃତ ବାପାଙ୍କ ନାଁରେ ଅନ୍ୟ ଜଣଙ୍କ ବ୍ୟାଙ୍କ ଆକାଉଂଟ ଜରିଆରେ ଆବାସ ଯୋଜନାର ସବୁ ଟଙ୍କା ପୈଠ ହୋଇଛି । ଯାହାର ଖବର ସେ ପରବର୍ତୀ ସମୟରେ ଜାଣିବାକୁ ପାଇ ଏହାର ତଦନ୍ତ ଦାବି କରିଛନ୍ତି ।ଆବାସ ଯୋଜନାରେ ହିତାଧିକାରୀଙ୍କୁ ୧ ଲକ୍ଷ ୩୦ ହଜାର ଟଙ୍କା ସହାୟତା ସହିତ ଶ୍ରମିକ ପାଉଣା ବିବାଦକୁ ୧୫ ହଜାର ଓ ଶୌଚାଳୟ ବାବଦକୁ ୧୨ ହଜାର ଟଙ୍କା ଦିଆଯାଇଥାଏ । ତେବେ ବଲାଙ୍ଗିର ଜିଲ୍ଲାର ପଲ୍ଲୀ ଠୁଁ ସହର ସବୁଠି ଏଥିରେ ବ୍ୟାପକ ଦୁର୍ନୀତି ଦେଖିବାକୁ ମିଳିଛି । ଅନେକ ସ୍ଥାନରେ ଆବାସ ଯୋଜନା ପାଇଁ ଅଗ୍ରୀମ ୨୦ ହଜାର ଟଙ୍କା ଲାଂଚ ନିଆଯାଉଥିବା ବେଳେ ତାଙ୍କୁ ମିଳିବାକୁ ଥିବା ଶ୍ରମିକ ପାଉଣା ଓ ଶୌଚାଳୟ ପାଉଣା ଅଧିକାରୀ ଖାଇ ଯାଉଛନ୍ତି । କୌଣସି ହିତାଧିକାରୀ ଏହି ଟଙ୍କା ପାଉନଥିବାର ଅଭିଯୋଗ ହୋଇଛି । ତେବେ ଏହି ଅଭିଯୋଗ ତାଲିକା ବେଶ ଲମ୍ବା ଥିବାବେଳେ ବାଟମାରଣା ହେଉଥିବା ଏହି ଯୋଜନା ଗରିବ ଲୋକଙ୍କ ପାଖକୁ ପହଂଚି ପାରୁନି । କାଗଜ କଲମରେ ସବୁ ଠିକ ଠାକ୍ ଚାଲିଥିବାର କୁହାଯାଇଛି । ସେପଟେ ଲୋକେ ଓ ନେତା ଏହାର ତଦନ୍ତ ଦାବି କରିବା ସହ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।ବଲାଙ୍ଗିର ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ସରକାରୀ ତଥ୍ୟ ଅନୁସାରେ, ଜିଲ୍ଲାକୁ ୨୦୧୩ ବର୍ଷରୁ ୮୩ ହଜାର ୪୦୨ଟି ଆବାସ ଘର ଆବଂଟନ ପାଇଁ ଆସିଥିଲା । ହେଲେ ଏଥିରେ ମୋଟ ୫୫ ହଜାର ୩୬୪ଟି ଘର ନିର୍ମାଣ ହୋଇଥିବାର ତଥ୍ୟ ରହିଛି । ସେହିପରି ୨୮ ହଜାର ୩୮ଟି ଘର ଏଯାଏଁ ନିର୍ମାଣ ହୋଇନଥିବାର ଜଣାପଡ଼ିଛି । ସେହିପରି ଜିଲ୍ଲାରେ ଏହାର ସଫଳତା ହାର ୬୬.୩୮ ପ୍ରତିଶତ ରହିଛି । ତେବେ ଏହି ତଥ୍ୟରୁ ଏଠି ଏହି ଯୋଜନା କେତେ ସଫଳ ତାହା ସ୍ପଷ୍ଟ ବାରି ହୋଇପଡୁଛି । ୨୦୧୯ ଠାରୁ ଜିଲ୍ଲା ପାଇଁ ଆଉ ଏହି ଯୋଜନାରେ କୌଣସି ଘର କିମ୍ବା ଟଙ୍କା ଆଉ ଆସୁନାହିଁ । ସେପଟେ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ଘର ସଠିକ୍ ଲୋକଙ୍କୁ ଦିଆଯାଉଛି ଓ ଘର ନିର୍ମାଣ କାମ ଜାରି ରହିଥିବାର କହିଛନ୍ତି। ସେହିପରି ଦୁର୍ନୀତି ଅଭିଯୋଗକୁ ସେ ଗୁରୁତର ସହ ନେଉଥିବା ବେଳେ ଆଗକୁ ମଧ ତଦନ୍ତ ହେବ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ନିଜେ ପ୍ରକଳ୍ପ ଅଧିକାରୀ ସୁଶାନ୍ତ ସିଂ କହିଛନ୍ତି ।








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଡ଼ଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଆଯାଏ ଅଥବା ସୁନା,ରୁପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶ୍ରେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା' ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମାଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛିରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଊଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

# ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରଓ୍ୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ଼ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ । ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ



ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ଜୁନ୍ ୨୪

# ଆମେ ଓ ଆମ ମାତୃଭାଷା ପ୍ରୀତି !



ମାତୃଭାଷା ସହିତ ପ୍ରତ୍ୟେକ ମଣିଷର ଆତ୍ମିକ ସମ୍ପର୍କ ରହିଛି । ଏଣୁ ମାତୃଭାଷାର ପ୍ରସାର ଓ ପ୍ରଚାର ସ୍ନେହ, ଶ୍ରଦ୍ଧା ଓ ସଂପ୍ରୀତିର ବାତାବରଣ ସୃଷ୍ଟି କରିଥାଏ । ଭାଷାଟିଏ ଥିଲା ବୋଲି ଆମେ ଜାଗାଟିଏ ପାଇଲେ । ଭାଷା ହେଲା ଓଡିଆ, ଜାଗା ହେଲା ଓଡ଼ିଶା । ଦୁଇ ଦୁଇ ଥର ସରକାରୀ ଉଦ୍ୟମ ପରେ ବି ଓଡିଆ ଭାଷା ରାଜଭାଷା ହୋଇପାରି ନ ଥିଲା । ଦୀର୍ଘ ୬୨ବର୍ଷ ପ୍ରତୀକ୍ଷାର ଅବସାନ ଘଟିଲା ୨୦୧୬ ମସିହା ମେ’ ୨୧ ତାରିଖରେ। ଯେଉଁଦିନ ସରକାରୀ ସ୍ତରରେ ସବୁ କାମ ଓଡିଆରେ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ମନ୍ତ୍ରୀ ପରିଷଦ ବୈଠକରେ ନିଷ୍ପତି ହୋଇଥିଲା। ସେହିପରି ରାଜ୍ୟ ସରକାର ୧୯୫୪ ଭାଷା ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତି ନେବାସହିତ ୨୦୧୮ ମସିହା ଏପ୍ରିଲ ପହିଲା ଉତ୍କଳ ଦିବସରୁ ସାରା ରାଜ୍ୟରେ ଓଡିଆ ଭାଷାରେ ସବୁ ସରକାରୀ କାର୍ଯ୍ୟକ୍ରମ ହେବ ବୋଲି ଗତ ୨୦୧୭ ମସିହା ଡିସେମ୍ବର ୨୬ ତାରିଖରେ ପୁରୀଠାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ୨୦୧୪ ମସିହା ମାର୍ଚ୍ଚ ୧୧ତାରିଖରେ ଆମ ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଲା। ଶାସ୍ତ୍ରୀୟ ମାନ୍ୟତା ପାଇବାରେ ଓଡିଆ ହେଉଛି ଷଷ୍ଠ ଭାରତୀୟ ଭାଷା ଓ ପ୍ରଥମ ଆର୍ଯ୍ୟ ଭାଷା । ଶାସ୍ତ୍ରୀୟ ମାନ୍ୟତା ଖୁସିରେ ରାଜ୍ୟ ସରକାର ୨୦୧୪ ମସିହା ଠାରୁ ମାର୍ଚ୍ଚ ୧୧ ତାରିଖକୁ ଓଡିଆ ଭାଷାଦିବସ ରୂପେ ପାଳନ କରୁଛନ୍ତି।

୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବା ଏକ ଐତିହାସିକ ଘଟଣା । ବହୁ ଘାତପ୍ରତିଘାତ ମଧ୍ୟରେ ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଓ ଅନ୍ୟାନ୍ୟ ବରପୁତ୍ରମାନଙ୍କ ଉଦ୍ୟମ ଫଳରେ ଓଡିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱପ୍ନ ସାକାର ହେଲା । ମାତ୍ର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୮୫ ବର୍ଷ ପରେ ବି ଦିନକୁ ଦିନ ଆମ ଭାଷାର ଅବକ୍ଷୟ ଘଟୁଛି । ଆମ ଭାଷା ପ୍ରତି ଆମର ମମତା ନାହିଁ, ନାହିଁ ମଧ ଆନ୍ତରିକତା । ଭାଷାର ପ୍ରସାର ପ୍ରଚାର ତ’ ଦୂରର କଥା, ଓଡିଆ ଭାଷାରେ ପ୍ରକାଶିତ ଦୁର୍ଲଭ ଗ୍ରନ୍ଥ ସବୁ ପଢିବାରେ ଆମର ଆଗ୍ରହ ନାହିଁ । ପତ୍ରପତ୍ରିକା, ନାଟକ, ଉପନ୍ୟାସ, ଗଳ୍ପ ଓ କବିତା କଥା ପଚାରେ କିଏ ? ହିନ୍ଦୀ, ବଙ୍ଗଳା, ଇଂରାଜୀ ପତ୍ରପତ୍ରିକା ପ୍ରେମରେ ଆମେ ପଡିଯାଇଛୁ । ଅଥଚ ଓଡିଆ ସାହିତ୍ୟ ଭାରତବର୍ଷର ଅନ୍ୟତମ ପ୍ରାଚୀନ ସାହିତ୍ୟ । ଏ ମାଟିର କବି ସାରଳା ଦାସ ମହାଭାରତ ଲେଖି ବେଦବ୍ୟାସ ପାଲଟି ଯାଇଛନ୍ତି । କବିସମ୍ରାଟ ଉପେନ୍ଦ୍ରଭଞ୍ଜ, ଦୀନକୃଷ୍ଣ, ଅଭିମନ୍ୟୁ, ବଳରାମ ଦାସଙ୍କ ସୃଷ୍ଟିସମ୍ଭାର ଭାରତୀୟ ଭାଷା ସାହିତ୍ୟରେ ଦୁର୍ଲ୍ଲଭ । ଏମାନେ ହିଁ ଓଡିଆ ସାହିତ୍ୟର ରକ୍ଷାକାରୀ । କଥାସମ୍ରାଟ ଫକୀରମୋହନ, କବିବର ରାଧାନାଥ, ଭକ୍ତକବି ମଧୁସୂଦନ, ପଦ୍ମଭୂଷଣ ଗୋପୀନାଥ ମହାନ୍ତି, ସ୍ୱଭାବକବି ଗଂଗାଧର ମେହେରଙ୍କ ସୃଷ୍ଟିସମ୍ଭାର ଯେ ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି, ଏହା ଅନସ୍ୱୀକାର୍ଯ୍ୟ । ସମୀକ୍ଷକମାନଙ୍କ ମତରେ ଏବେ ବିଶ୍ୱରେ ପ୍ରାୟ ୬ରୁ ୭ ହଜାର ଭାଷା ରହିଛି। କିନ୍ତୁ ଆଗାମୀ ଏକବିଂଶ ଶତାବ୍ଦୀ ଶେଷ ସୁଦ୍ଧା ହୁଏତ ଏଥିରୁ ୯୦ ଭାଗ ଭାଷାର ଅସ୍ତିତ୍ୱ ଲୋପ ପାଇଯିବ । କାରଣ ଅଧୁନା ବିଶ୍ୱର ଶତକଡା ୯୫ ଭାଗ ଲୋକ ମାତ୍ର ୧୦୦ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି । ଆହୁରି ଆଶ୍ଚର୍ଯ୍ୟର କଥା ଯେ ବିଶ୍ୱରେ ପ୍ରାୟ ଅର୍ଦ୍ଧେକ ଲୋକ ମାତ୍ର ୮ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି। ଯଥା–ଚୀନ, ହିନ୍ଦୀ, ଇଂରାଜୀ, ସ୍ପେନିଶ୍, ରୁଷ୍, ବଙ୍ଗଳା, ଆରବୀ ଓ ପର୍ତ୍ତୁଗୀଜ । କିନ୍ତୁ ଆଜି କେବଳ ଆମର ମାତୃଭାଷା ଓଡିଆ ନୁହେଁ, ଭାରତର ପ୍ରତ୍ୟେକ ଭାଷା ତଥା ପୃଥିବୀର ଅନେକ ଭାଷା ସଙ୍କଟର ସମ୍ମୁଖୀନ ହୋଇଛନ୍ତି । ଆଜି ପ୍ରତ୍ୟେକ ଦେଶ ଏ ସଙ୍କଟରୁ ମୁକ୍ତି ପାଇବା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି ।

ଏକ ତଥ୍ୟ ମୁତାବକ, ସମଗ୍ର ଓଡିଶାରେ ୫୮ ପ୍ରକାର କଥିତ ଭାଷା ପ୍ରଚଳିତ ଅଛି । ତେବେ ଓଡିଶାରେ ଓଡିଆ ଭାଷା ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ରାଜ୍ୟର ପ୍ରାନ୍ତୀୟ କ୍ଷେତ୍ର ପଶ୍ଚିମ ଓଡିଶାରେ ସମ୍ବଲପୁରୀ (କୋଶଳି) ଓ ମିଶ୍ର ହିନ୍ଦୀ ଭାଷା, ଦକ୍ଷିଣ ଓଡିଶାରେ ବ୍ରହ୍ମପୁରୀ ଓ ମିଶ୍ର ତେଲଗୁ ଭାଷା, ଉତ୍ତର ଓଡିଶାରେ ମିଶ୍ର ବଙ୍ଗଳା ଭାଷାର ପ୍ରଚଳନ ଦେଖାଯାଏ । ରାଜ୍ୟରେ ଥିବା ଆଦିବାସୀମାନଙ୍କର ନିଜସ୍ୱ ଭାଷା ଯଥା–ସାନ୍ତାଳି, ମୁଣ୍ଡା, କନ୍ଧ, କୋୟା, ବଣ୍ଡା ଇତ୍ୟାଦି ରହିଛି । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଭାଷା ମଧ୍ୟରେ ଅସମୀୟା, ହିନ୍ଦୀ, ବଙ୍ଗଳା, ଉର୍ଦ୍ଦୁ, ତେଲୁଗୁ ଆଦି ଭାଷା ମଧ ବ୍ୟବହୃତ ହୁଏ । ଖାଲି ସେତିକି ନୁହେଁ ଓଡିଆରେ ଦରଖାସ୍ତ ଲେଖିବାକୁ ଆମେ ଆଗ୍ରହ ପ୍ରକାଶ ନକରି ଇଂରାଜୀରେ ଲେଖିବାକୁ ମନକରିଥାଉ। ଏପରିକି ଆମ ରାଜ୍ୟକୁ ଆସୁଥିବା ଅଣଓଡିଆମାନଙ୍କ ସହିତ ଆମେ ଓଡିଆରେ ନକହି ସେମାନଙ୍କ ଭାଷାରେ କହିବାକୁ ଚେଷ୍ଟା କରୁ । ଏହିଭଳି ହୀନମନ୍ୟତା ହିଁ ଆମ ପ୍ରାଣରୁ ଭାଷାପ୍ରୀତି ହ୍ରାସ କରାଉଛି। ଯଦି ଆମର ଭାଷାପ୍ରୀତି ଥାଆନ୍ତା, ତାହାହେଲେ ଆମକୁ ଆମ ଭାଷାର ସୁରକ୍ଷା ପାଇଁ ଆନ୍ଦୋଳନ କରିବାକୁ ପଡୁ ନ ଥା’ନ୍ତା।

ନିକଟରେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମାରେ କୁହାଯାଇଛି ରାଜ୍ୟର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ନାମଫଳକକୁ ଓଡିଆ ଭାଷାରେ ଲେଖାଯିବ। ଏଥିନେଇ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ଜେନା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ ସହିତ ସମସ୍ତ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଦେଶର ଅନ୍ୟାନ୍ୟ ରାଜ୍ୟରେ ଇଂରାଜୀ ସହିତ ପ୍ରାଦେଶିକ ଭାଷାକୁ ଗୁରୁତ୍ୱ ଦେଇ ସମସ୍ତ ଶିକ୍ଷାନୁଷ୍ଠାନର ନାମଫଳକ ଇଂରାଜୀ ସହିତ ସ୍ଥାନୀୟ ଭାଷାରେ ମଧ ଲେଖାଯାଇଛି। ଆମ ରାଜ୍ୟରେ ଏଭଳି ନିଷ୍ପତ୍ତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଆମ ଭାଷା ପ୍ରତି ଆମର ଶ୍ରଦ୍ଧା ଏବଂ ଭଲପାଇବା ଉପରଠାଉରିଆ। ସଭାସମିତିରେ ବକ୍ତାମାନେ ଭାଷଣ ଦେବାବେଳେ ଆମେ ଖୁବ୍ ଉତ୍ସାହିତ ହୋଇ ତାଳିମାରୁ। କିନ୍ତୁ ତା’ପରେ ପୁଣି ଆମ ମନ ଭିତରେ ଇଂରାଜୀ ଭାଷା ତା’ ସ୍ଥିତି ଜମେଇନିଏ। ସେହିପରି କୁନିକୁନି ପିଲାମାନେ ଖନେଇ ଖନେଇ ଇଂରାଜୀ କହିଲେ ବାପା ମାଆ ଓ ଜେଜେ ଜେଜେମାଆଙ୍କ ଛାତି ଫୁଲିଉଠେ।

ଖାଲି ଶିକ୍ଷାନୁଷ୍ଠାନରେ ନାମଫଳକ ବଦଳିଗଲେ ଆମ ଭାଷାପ୍ରୀତି ବଢିଯିବ ନାହିଁ। ଓଡିଆ ଭାଷା ଦାପ୍ତରିକ ଭାଷା ହେଉ, ସରକାରୀ ନଥିପତ୍ର ଓଡିଆ ଭାଷାରେ ଲେଖାହେଉ ଓ ଏହାକୁ ଉଲ୍ଲଙ୍ଘନ କରୁଥିବା ବ୍ୟକ୍ତିବିଶେଷଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବାର ଆବଶ୍ୟକତା ଅଛି । ଏବେବି ସରକାରୀ ଦପ୍ତରମାନଙ୍କରେ ଅନେକ ଜାଗାରେ ଇଂରାଜୀ ଫଳକ ଏଯାଏଁ ରହିଛି। ଏସବୁ ଦେଖିଲେ ଅନୁମାନ କରିହୁଏ ଆମେ କ’ଣ ସତରେ ଆମ ଓଡିଆ ଭାଷାକୁ ଏଯାଏଁ ପ୍ରାଣଭରି ଭଲପାଉଛେ ? ଏଥିପାଇଁ ଆମ ମାନସିକତାରେ ପରିବର୍ତ୍ତନ ହୋଇବା। ଏ ବିଷୟରେ ଗଭୀର ଭାବେ ଅନୁଧ୍ୟାନ କରିବାର ଅଛି।

ଆପଣଙ୍କ ମତାମତ ଓ ପରାମର୍ଶ, 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା’ ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ–ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ଲୋକଙ୍କ ସହିତ କେତେ ମିଶୁଛନ୍ତି ପ୍ରଣବ ପ୍ରକାଶ !

**ଶରତ କୁମାର ରାଉତ**





ସାମ୍ପ୍ରତି ଭାରତୀୟ ରାଜନୀତିରେ ଅପରାଧ ଓ ଭ୍ରଷ୍ଟାଚାର ଏତେ ଅଧିକ ବଢିଯାଇଛି ଯେ, ଦେଶ ପାଇଁ ଯେଉଁ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡିକର ବିକାଶ ଆଶା କରାଯାଉଥିଲା, ତାହା ଏବେ ସ୍ୱପ୍ନ ହୋଇଯାଇଛି । ସ୍ୱାଧୀନତାକୁ ନେଇ ବିକାଶର ଉଚ୍ଚପାହାଚ ପର୍ଯ୍ୟନ୍ତ ଗତିକରି ଆସିଥିବା ଭାରତୀୟ ଗଣତନ୍ତ୍ର କେତେକ ତଥାକଥିତ ରାଜନୀତିଜ୍ଞଙ୍କର ଅକ୍ତିଆରରେ ରହିଥିବାରୁ ଭାରତୀୟମାନେ ମଧ ଅନ୍ଧ ଭଳି ସେମାନଙ୍କୁ ସମର୍ଥନ କରିଆସୁଛନ୍ତି । ଗଣତନ୍ତ୍ରର ଏହି ମନ୍ଦିରଗୁଡ଼ିକୁ ଆମେ ଯେଉଁ ବ୍ୟକ୍ତିମାନଙ୍କୁ ନିର୍ବାଚିତ କରି ପଠାଉଛୁ, ସେମାନେ ଆମର ପ୍ରତିନିଧି ଓ ପ୍ରବକ୍ତା ମଧ। ଯଦିଓ ଆମ ପ୍ରତିନିଧିଙ୍କ ଭିତରେ ଗଣତାନ୍ତ୍ରିକ ସଂସ୍କାର ଥିବ, ତେବେ ସଂସଦ ବା ବିଧାନସଭାରେ ଲୋକଙ୍କ ଆଶା-ଆକାଂକ୍ଷା, ସୁଖ-ଦୁଃଖ ଏବଂ ଦୃଷ୍ଟିକୋଣ ଗଣତାନ୍ତ୍ରିକ ଢ଼ଙ୍ଗରେ ଉପସ୍ଥାପିତ ହୋଇପାରିବ। ମାତ୍ର ବାହୁବଳ, ଅର୍ଥବଳ, ମାଫିଆବଳ ଓ କେତେକ କ୍ଷେତ୍ରରେ ମିଡ଼ିଆ ବଳର ବ୍ୟବହାର କରି କେହି ଜଣେ ଅତି ସହଜରେ ପ୍ରତିନିଧିତ୍ୱ ହାସଲ କରି ପାରୁଛନ୍ତି । ସେହି ପ୍ରତିନିଧିଙ୍କଠାରୁ ଗଣତାନ୍ତ୍ରିକ ସଂସ୍କାରବାଦୀ କାର୍ଯ୍ୟ ପ୍ରଣାଳୀର ଆଶା କରାଯିବା ସ୍ୱପ୍ନ ସହ ସମାନ। ଏଥିରେ ମତଦାତାମାନଙ୍କର ମଧ କିଛି ଭୁଲ୍ ରହୁଛି। ସେମାନେ ନିର୍ବାଚନ ସମୟରେ ସହଜରେ ପ୍ରଭାବିତ ହୋଇ ଯାଆନ୍ତି। ଯଦ୍ଦ୍ୱାରା ଅଯୋଗ୍ୟ, ଅପରାଧୀ, ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ପ୍ରତିନିଧିଭାବେ ନିର୍ବାଚିତ ହୋଇ ଯାଉଛନ୍ତି। ଅଧିକାଂଶ ଦେଶରେ ଲୋକପ୍ରତିନିଧିମାନଙ୍କ କାର୍ଯ୍ୟକଳାପ ସଂପର୍କରେ ସେଠାକାର ମିଡ଼ିଆ ନିୟମିତ ଲୋକମାନଙ୍କୁ ସୂଚନା ଦେଇଥା’ନ୍ତି। ଯଦ୍ଦ୍ୱାରା ଲୋକେ ନିଜର ପ୍ରତିନିଧିଙ୍କ ସଂପର୍କରେ ଜାଣନ୍ତି ଓ ସଚେତନ ହୁଅନ୍ତି। ହେଲେ ଆମ ଦେଶର ମିଡ଼ିଆ ଏଥିପ୍ରତି ବିଶେଷ ଗୁରୁତ୍ୱ ଦିଏନାହିଁ।

ତେବେ ଓଡ଼ିଶାର ବିଧାୟକ ଓ ସାଂସଦମାନେ ସାଧାରଣ ଲୋକଙ୍କ ସୁଖ-ଦୁଃଖ ସହିତ କେତେ ଜଡ଼ିତ ଅଛନ୍ତି ବା ତାଙ୍କର କାର୍ଯ୍ୟକଳାପ ସଂପର୍କରେ ଆଲୋଚନା ହେବାର ଆବଶ୍ୟକତା ରହିଛି। ଯାଜପୁର ଜିଲ୍ଲାର ଯାଜପୁର ବିଧାନସଭା କ୍ଷେତ୍ରର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସଂପର୍କରେ ଏଥରର ଅଲୋଚନା। ପ୍ରଣବବାବୁ ହେଉଛନ୍ତି ବହୁପ୍ରତିଭାର ଅଧିକାରୀ। ଜଣେ ପ୍ରଗତିଶୀଳ ମଣିଷ ଭାବେ ବିଭିନ୍ନ ସାମାଜିକ ଓ ଗଣଆନ୍ଦୋଳନ ସହିତ ନିଜକୁ ସାମିଲ କରିବା ସହିତ ଓଡ଼ିଶା ରାଜନୀତି କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ମୁଖ୍ୟତଃ ବିଜୁ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ପିତା ଅଶୋକ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ସକ୍ରିୟ ରାଜନୀତିରେ ପାଦ ଦେଇଥିଲେ ଓ ପ୍ରଥମ କରି ୨୦୦୯ ମସିହା ନିର୍ବାଚନରେ ଯାଜପୁର ବିଧାନସଭା ଆସନରେ ବିଜୁ ଜନତା ଦଳ ଟିକଟରେ ବିଧାନସଭାରେ ପ୍ରବେଶ କରିଥିଲେ। ଏହି ନିର୍ବାଚନରେ ପ୍ରଣବବାବୁ ୬୧,୭୧୨ ଭୋଟ (୫୦.୦୫%) ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଦେବବ୍ରତ କାନ୍ଥା ୩୧,୪୬୭ (୨୫.୫୨%) ଓ ଭାଜପା ପ୍ରାର୍ଥୀ ଗୌତମ ରାୟ ୨୭,୭୮୫ (୨୨.୫୩%) ଭୋଟ ପାଇଥିଲେ। ଏହି ନିର୍ବାଚନରେ ମୋଟ ୫ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ।

୨୦୧୪ ବିଧାନସଭା ନିର୍ବାଚନରେ ଦ୍ୱିତୀୟ ଥର ପାଇଁ ବିଜେଡ଼ି ଟିକଟରେ ପ୍ରଣବବାବୁ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦଙ୍କୁ ୯୪,୬୧୩ ଭୋଟ୍ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଥିଲେ। ଏହି ନିର୍ବାଚନ ରଣାଙ୍ଗନରେ ମୋଟ ୮ଜଣ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ। ଏଥିରେ ପ୍ରଣବବାବୁ ୧,୦୪,୪୫୮ ଭୋଟ (୬୯.୧୭%) ହାସଲ କରିଥିଲା ବେଳେ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦ ୧୯,୮୪୫ (୧୩.୧୪%) ଓ ଭାଜପା ପ୍ରାର୍ଥୀ ଜଗନ୍ନାଥ ପ୍ରସାଦ ସାମଲ ୧୭,୧୮୦ (୧୧.୩୮%) ଭୋଟ ପାଇଥିଲେ।

ସେହିପରି ୨୦୧୯ ନିର୍ବାଚନରେ ବିଜେଡ଼ି ଟିକଟରେ ପ୍ରଣବବାବୁ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ଗୌତମ ରାୟଙ୍କୁ ୪୦,୬୫୬ ଭୋଟ୍ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଥିଲେ। ଏହି ନିର୍ବାଚନ ରଣାଙ୍ଗନରେ ମୋଟ ୬ଜଣ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ। ଏଥିରେ ପ୍ରଣବବାବୁ ୯୯,୭୩୮ ଭୋଟ (୬୦.୨୪%) ହାସଲ କରିଥିଲା ବେଳେ ଭାଜପା ପ୍ରାର୍ଥୀ ଗୌତମ ରାୟ ୫୯,୦୮୨ (୩୫.୬୮%) ଓ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦ ୪,୭୪୫ (୨.୮୬%) ଭୋଟ ପାଇଥିଲେ।

୨୦୧୪ ମଇ ମାସ ୫ ତାରିଖରୁ ସେ ପ୍ରଥମ ଥର ପାଇଁ ମହିଳା ଓ ଶିଶୁ ବିକାଶ ତଥା ଭିନ୍ନକ୍ଷମ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ସହ ଶକ୍ତି ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଦାୟିତ୍ୱ ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଭାବରେ ନିଜର ଦାୟିତ୍ୱ ସଫଳତାର ସହ ନିର୍ବାହ କରିଥିଲେ। ସେହିପରି ପ୍ରଣବବାବୁ ୨୦୧୨-୨୦୧୩ରେ ବିଧାନସଭା ଲାଇବ୍ରେରୀ କମିଟିର ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ।

୨୦୧୪ ଓ ୨୦୧୯ ବିଧାନସଭା ନିର୍ବାଚନରେ ବିଜେଡ଼ିକୁ ବହୁ ଆସନରେ ବିଜୟୀ କରିବା ପାଇଁ ପ୍ରଣବବାବୁ କଠିନ ପରିଶ୍ରମ କରିଥିବା ଦେଖାଯାଇଥିଲା। ତେବେ ୨୦୧୪ରେ ବିଜେଡ଼ି ୧୧୨ଟି ଆସନ ଅକ୍ତିଆର କରିଥିବା ବେଳେ ୨୦୧୯ ନିର୍ବାଚନରେ ୧୧୭ଟି ଆସନ ଅକ୍ତିଆର କରିଥିଲା। ସେହିପରି ବ୍ରଜରାଜନଗର ଓ ପିପିଲି ଉପନିର୍ବାଚନ ଭଳି ବିଜେପୁର ଉପନିର୍ବାଚନ ତଥା ପାଟକୁରା ବିଧାନସଭା ନିର୍ବାଚନ ବେଳେ ପ୍ରଣବ ପ୍ରକାଶ ଦାସଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଏକପ୍ରକାର ପ୍ରଣବବାବୁଙ୍କର କଠିନ ତଥା ନିଷ୍ଠାପର କାର୍ଯ୍ୟ ପାଇଁ ପ୍ରାୟ ସବୁ ଉପନିର୍ବାଚନର ଫଳାଫଳ ଅତି ସହଜରେ ବିଜେଡ଼ି ହାତକୁ ଆସିପାରିଥିଲା।

୨୦୨୦ ମାର୍ଚ୍ଚ ୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହୁଏତ ପ୍ରଣବ ପ୍ରକାଶ ଦାସଙ୍କର ରାଜନୀତିକ ଦକ୍ଷତା ଅନୁଭବ କରି ତାଙ୍କୁ ବିଜେଡ଼ିର ସାଙ୍ଗଠନିକ ସଂପାଦକ ପଦରେ ନିଯୁକ୍ତି ଦେଇଥିଲେ। ଆଉ ସେହିଦିନଠାରୁ ପ୍ରଣବବାବୁ ମୁଖ୍ୟମନ୍ତ୍ରୀଙ୍କ ପରେ ଦଳର ଦ୍ୱିତୀୟ କ୍ଷମତା କେନ୍ଦ୍ର ବୋଲି ରାଜନୀତିକ ସମୀକ୍ଷକମାନେ ଚର୍ଚ୍ଚା କରି ଆସୁଛନ୍ତି।

ବିଧାନସଭା ଅଧିବେଶନରେ ପ୍ରଣବବାବୁଙ୍କର କାର୍ଯ୍ୟଶୈଳୀ, ପ୍ରଭାବୀ ବକ୍ତୃତା, ରାଜ୍ୟସ୍ତରୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ, ପ୍ରଶ୍ନ-ଉତ୍ତର, ବଜେଟ୍, ବିଧେୟକ, ଚର୍ଚ୍ଚା ଭଳି ମହତ୍ତ୍ୱପୂର୍ଣ୍ଣ ଆଲୋଚନାରେ ଉପସ୍ଥିତ ରହି ସବୁଥିରେ ସକ୍ରିୟ ଅଂଶଗ୍ରହଣ କରି ଆସୁଛନ୍ତି। ରାଜ୍ୟରେ ଦାରିଦ୍ର୍ୟ, ଅନାହାର, ପୁଷ୍ଟିହୀନତା, ମାତୃ ଓ ଶିଶୁମୃତ୍ୟୁ, ପ୍ରାକୃତିକ ବିପର୍ଯ୍ୟୟ, ଦାଦନ ଭଳି ବିଭିନ୍ନ ସାମାଜିକ ଓ ପ୍ରଶାସନିକ ସମସ୍ୟା ସମାଧାନ ପାଇଁ ସେ ନିୟମିତ କାର୍ଯ୍ୟ କରି ଆସୁଛନ୍ତି। ଏପରିକି ବିଧାନସଭା ଭିତରେ ଓ ବାହାରେ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗନେଇ ସେ ଓଡ଼ିଶାର ମୌଳିକ ସମସ୍ୟା ସଂପର୍କରେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିପାଇଁ ଓଡ଼ିଶାରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଥିବା ବେଳେ ଦଳମତ ନିର୍ବିଶେଷରେ ସମସ୍ତ ବିଧାୟକଙ୍କ ସହିତ ତାଙ୍କର ଘନିଷ୍ଠ ସଂପର୍କ ରହିଛି।

ରାଜନୀତି, ସାହିତ୍ୟ, ସଂସ୍କୃତି, ସମାଜସେବା, ଆଧ୍ୟାତ୍ମିକ ପତ୍ରପତ୍ରିକା ପାଇଁ ଲେଖିବାର ମୂର୍ତ୍ତିମନ୍ତ ପ୍ରତୀକ ପ୍ରଣବବାବୁଙ୍କର ବହୁମୁଖୀ ଜନସ୍ୱାର୍ଥମୂଳକ କାର୍ଯ୍ୟ ଓ ଆତ୍ମୀୟତା ଉଲ୍ଲେଖନୀୟ। ତାଙ୍କ ରାଜନୀତିକ ଜୀବନ ଭିତରେ ତାଙ୍କର ପ୍ରତି ପଦକ୍ଷେପ ଓ ରାଜନୀତିକ ଆଲୋଚନା ରାଜନୀତିଜ୍ଞମାନଙ୍କ ପାଇଁ ଆଦର୍ଶ ହୋଇଥିବାବେଳେ ସାଧାରଣ ମଣିଷ ମାନଙ୍କ ପାଇଁ ଆଶୀର୍ବାଦ ହୋଇଛି। ରାଜନୀତିରେ ତାଙ୍କର ସ୍ୱଷ୍ଟବାଦିତା ବାସ୍ତବରେ ତାଙ୍କୁ ଓଡ଼ିଶା ରାଜନୀତିକ ମଞ୍ଚର ଶୀର୍ଷରେ ପହଞ୍ଚାଇ ଦେଇଛି। ରାଜନୀତିକ ଜ୍ଞାନର ପ୍ରଚଣ୍ଡ ଅଧିକାରୀ ପ୍ରଣବବାବୁ ନିଜ ରାଜନୀତିକ ଜୀବନର ପ୍ରତି ମୁହୂର୍ତ୍ତକୁ ଓ ପ୍ରତି ଦାୟିତ୍ୱକୁ ଜନସେବାରେ ଓ ନିଷ୍ଠାର ସହ କିଛି ନୂଆକରି ଦେଖାଇବାରେ ବିତାଉଛନ୍ତି। ବିଭିନ୍ନ ବିଭାଗର ମନ୍ତ୍ରୀ ଥିବାବେଳେ ବିଭାଗୀୟ ଅନେକ ସମସ୍ୟା ସମାଧାନ କରିଥିବା ବେଳେ ନୂଆ ନୂଆ ସଂସ୍କାର ଆଣିବାରେ ସେ ରେକର୍ଡ଼ ସୃଷ୍ଟି କରିଛନ୍ତି। ମହିଳା, ଶିଶୁକଲ୍ୟାଣ, ଭିନ୍ନକ୍ଷମ, ଶକ୍ତି ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଭାବରେ ବିଭିନ୍ନ ପଦକ୍ଷେପ ତାଙ୍କ ମନ୍ତ୍ରୀତ୍ୱ ସମୟର ପରାକାଷ୍ଠା।

ଜଣେ ଅଭିଜ୍ଞ ବିଧାୟକ ଭାବେ ଓଡ଼ିଶାର ସାମଗ୍ରୀକ ବିକାଶ ଓ ବିଭିନ୍ନ ସମସ୍ୟା ସମାଧାନ କରି ଅବହେଳିତ ଓଡ଼ିଆ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବାର ଲକ୍ଷ୍ୟ ରଖିଛନ୍ତି ପ୍ରଣବବାବୁ। ରାଜ୍ୟର ସ୍ୱାସ୍ଥ୍ୟ, ଶିକ୍ଷା, ପୁଷ୍ଟିହୀନତା ନିୟନ୍ତ୍ରଣ, ମାତୃ-ଶିଶୁ ମୃତ୍ୟୁହାର ହ୍ରାସ, ପାନୀୟଜଳ, ପରିବେଶ, ସାକ୍ଷରତା, ଉଚ୍ଚଶିକ୍ଷାର ପ୍ରସାର, ଜଙ୍ଗଲ ଜମିର ସୁରକ୍ଷା, ଗ୍ରାମ୍ୟ ଉନ୍ନତି, ଦାରିଦ୍ର୍ୟ ଦୂରୀକରଣ, କ୍ରୀଡ଼ାର ଉନ୍ନତି ଆଦି ତାଙ୍କ ସାମାଜିକ କାର୍ଯ୍ୟର ମୂଳଲକ୍ଷ୍ୟ। ସବୁଠୁ ବଡ଼ କଥା ହେଲା, ନିୟମିତ ସେ ଓଡ଼ିଆ ଲୋକମାନଙ୍କ ସୁଖ-ଦୁଃଖରେ ଭାଗୀ ହେଉଛନ୍ତି। କାହାର କିଛି ସମସ୍ୟା ଶୁଣି ସେ ତତ୍‌କ୍ଷଣାତ୍ ପହଞ୍ଚି ଯାଆନ୍ତି ଘଟଣା ସ୍ଥଳରେ ଓ ନିଜକୁ ଏକାକାର କରି ଦିଅନ୍ତି ଲୋକମାନଙ୍କ ସୁଖ-ଦୁଃଖ ସହିତ। ସମସ୍ତଙ୍କୁ ସେ ସହଯୋଗର ହାତ ବଢାନ୍ତି। ବାସ୍ତବରେ ତାଙ୍କର ଅମାୟିକ ବ୍ୟବହାର, ସରଳତା, ନିଷ୍ଠାପରତା, ଅମାୟିକ ରାଜନୀତି, ସମର୍ପିତ ରାଜନେତା, ଆକର୍ଷଣୀୟ ଲୋକପ୍ରିୟତା, ଉତ୍ସର୍ଗୀକୃତ ଜନସେବା ଓ ପରୋପକାରୀ ମନୋଭାବ ଆଦି ମାନବୀୟ ଗୁଣ ପାଇଁ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଛନ୍ତି।

*-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ-୯୩୩୭୩୬୯୪୪୮*

# ମୋଟାବୁଦ୍ଧିଆର ଅନେକ ପ୍ରଶ୍ନବାଚୀ ?

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଜ୍ଞାନୀ, ଅତିଜ୍ଞାନୀ, ମହାଜ୍ଞାନୀଙ୍କର ବର୍ତ୍ତମାନ ବହୁ ମୂଲ୍ୟାୟନ। ସେମାନଙ୍କର କାର୍ଯ୍ୟାବଳୀର ବହୁ ପ୍ରଶଂସା। ପୂର୍ବେ ରାଜାମାନେ ତାଙ୍କର ପରାମର୍ଶଦାତା ରୂପେ ପୁରୋହିତ, ମନ୍ତ୍ରୀ, ସଚିବ, କଟୁଆଳ, ସେନାପତି, ଚିକିତ୍ସକ, ଯନ୍ତ୍ରୀ ପରି ସ୍ଥାୟୀ ପଦବୀରେ ଚାକିର କରି ପାରିଷଦ ମଣ୍ଡନ କରୁଥିଲେ। ସମୟାନ୍ତରକୁ ଅନ୍ୟ ରାଜ୍ୟ ବା ଦେଶରୁ ବିଶେଷଜ୍ଞାନୀଙ୍କ ପରାମର୍ଶ ଲୋଡୁଥିଲେ। ତାଙ୍କର ଉପଦେଶ କାର୍ଯ୍ୟାବଳୀ ପାଇଁ ଯଥେଷ୍ଟ ଧନ ଉପଢ୍ୌକନ ଦେଉଥିଲେ, ଆବଶ୍ୟକ ମନେ କରୁଥିଲେ ତାଙ୍କୁ ଜମିଜମା ଘର ଦେଇ ସ୍ୱରାଜ୍ୟର ବାସିନ୍ଦା କରାଇ ନେଉଥିଲେ। ଏମିତି କିଛି କାର୍ଯ୍ୟ ଉପସ୍ଥିତି ହୁଏ ଯାହା ସେ ସ୍ଥାନରେ ଅଭିଜ୍ଞମାନଙ୍କର ଭାବନା ବାହାରେ ଥାଏ। ଏ ପାଇଁ ପାର୍ଶ୍ୱଦେଶ ରାଜ୍ୟ ବା ମିତ୍ର ରାଜ୍ୟ ରାଜାଙ୍କୁ ଏପରି ଅଭିଜ୍ଞଙ୍କୁ ପଠାଇବାକୁ ନିବେଦନ କରାଯିବାର ପ୍ରମାଣ ମିଳୁଛି।

ଦେଖନ୍ତୁ ମାଟି ଥରାଇ ରେଳଗାଡ଼ି ଏବେ ବିଭିନ୍ନ ଷ୍ଟେସନରୁ ଯାଆସ କରୁଛି। ପୂର୍ବେ ଯେତେ ଗାଡ଼ି ଚାଲୁଥିଲା ଏବେ ଅନେକ ଗାଡ଼ି ଦ୍ରୁତଗାମୀ ଗାଡ଼ି ଓ ଅନେକ ବଗି, ଓଜନଦାର ମାଲଗାଡ଼ି ବିଭିନ୍ନ ସ୍ଥାନ ପାରି ହେଉଛି। ଏଥିରେ ଶବ୍ଦ ଓ ଚାପ ସେ ଭୂମିରେ କେତେ ପଡୁଛି। ଏଇ ସମୟ ନିର୍ମାଣ ମାଟି ସମ୍ବନ୍ଧ ନାହିଁ ଖାଲି ବାଲିକୁ ମାଟି ଉପରକୁ ନଭଶ୍ଚୁମ୍ବୀ ନିର୍ମାଣ। ଏଣେ ମାଟି ତଳୁ ଶୋଷି ଜଳ ପାଇପ ନଳ ଯୋଗେ ଇଲେକ୍ଟ୍ରି ମଟରରେ ଉଠାଯାଉଛି। ଏଥିରେ ବିଭିନ୍ନ ସ୍ଥାନ ସବୁର ନିର୍ମାଣ ଦୀର୍ଘଜୀବୀ ରହିବ କି ପୂର୍ବେ ମାଟିଘର ପାଖରେ ଚୁଆ ପୋଖରୀ ଖୋଳି କାଦୁଅ ଚକଟି ମାଟି ମୂଳ ହୁଡ଼ା ମାଟି କାନ୍ଥରେ ଗୃହ ଓ ନଡ଼ାବାଉଁଶରେ ଘର କରାଯାଉଥିଲା। ପ୍ରତି ଭୂମିର ଓଜନ ସନ୍ତୁଳନ ହେଉନଥିଲା। ଏବେ କାହିଁ କେତେ ସ୍ଥାନରୁ ନଦୀ ବାଲି ପଥର ଗୋଡ଼ି ସିମେଣ୍ଟ ଲୁହାରଡ଼ ମାରବଲ ଗ୍ରାନାଇଟ ଲୁହା ଗ୍ରୀଲ ଗେଟ ଆଦି ଭୂମିରେ ନଦାଯାଇ ସ୍ଥାନଟିକୁ ବିଶେଷ ଓଜନ କରାଯାଉଛି। ଗୃହଟି ବିଭିନ୍ନ ଯାନର କମ୍ପନ ଶବ୍ଦରେ କ’ଣ କ୍ଷତି ସହୁଛି କେହି ସଠିକ ଚିନ୍ତନ କରୁନାହାଁନ୍ତି। ରାଜସ୍ଥାନରୁ ମାର୍ବଲ ପଥର ଓଡ଼ିଶାର ପାହାଡ଼ ପର୍ବତରୁ ପଥର ନଦୀ ବାଲି ଆସି ସବୁ ସ୍ଥାନ ନିର୍ମାଣରେ କେତେ ଓଜନ ହୋଇ ମାଟିକୁ କେତେ ଚାପ ଦେଉଛି କେହି ଭବିଷ୍ୟତ ପରିଣାମ କଳନା କରିଛନ୍ତି କି ?

ଏବେ ଜଗନ୍ନାଥ ମନ୍ଦିର ପ୍ରସଙ୍ଗକୁ ଆସନ୍ତୁ। ଏ ମନ୍ଦିର ଶିଳ୍ପଶାସ୍ତ୍ର ଅନୁସାରେ ବିଶେଷ ଯନ୍ତ୍ରରେ ବିନା କ୍ରେନ ଯନ୍ତ୍ରପାତିରେ ଓଜନଦାର ପଥରକୁ ଖୋଦେଇ ସାଇଜ କରି ବିଭିନ୍ନ ରସାୟନ ଅଠା ଓ ପୁରୁଷ, ସ୍ତ୍ରୀ ଫିଟିଂରେ ପଥର ଖୋଜ କରି ବସାଯାଇଛି। ଏ ମଧ ଉପରକୁ କାଟି କାଟି ଉଠାଇବା ବେଳେ କୋଣ ଫାଙ୍କରେ ଖିଲାଣ ଲଗାଯାଇଛି। ବାସ୍ତୁ ଶାସ୍ତ୍ର ଅନୁସାରେ ମାଟି ଘର ପ୍ରେମ ପଥର ଘର ଓ ସବୁଠାରୁ ଟାଣ ପଥର ଘରର ନିର୍ମାଣ କେତେ ବର୍ଷ ରହିପାରିବ ତାର ଆୟୁ ଧାର୍ଯ୍ୟ କରାଯାଇଛି। ଏଥିରେ ଆର୍ଯ୍ୟୁ ନଷ୍ଟ ପାଇଁ ବିଧାନ ମହାଭୂତ ଦ୍ୱାରା ନିର୍ଦ୍ଦିଷ୍ଟ ଅଛି। ପୃଥିଭୂତରେ ନିର୍ମାଣ ମନକୁ ନଷ୍ଟହୁଏ ଜଳଭୂତରେ ଜଳ ଦ୍ୱାରା, ଅଗ୍ନୀଭୂତରେ ଅଗ୍ନୀ ଦ୍ୱାରା ଆକାଶଭୂତରେ କିଛି ଉପରୁ ପଡ଼ି ନଷ୍ଟ ହୁଏ। ବାୟୁଭୂତରେ ପ୍ରବଳ ପବନରେ କ୍ଷତି ହୁଏ। ଏବେ ଆକାଶୀୟ ଯୁଦ୍ଧ ଶତ୍ରୁଙ୍କ ଆକ୍ରମଣ ବୋମା ବର୍ଷଣରେ ବଡ଼ ବଡ଼ ନିର୍ମାଣ ଅଗ୍ନୀ ଓ ଆକାଶ ମହାଭୂତ ଦ୍ୱାରା ନଷ୍ଟକୁ ମହାବାତ୍ୟାରେ ବହୁ ନିର୍ମାଣ ଧୂଳିସାତ ଫଣି ବାତ୍ୟାରେ ଜଗନ୍ନାଥ ମନ୍ଦିରରେ ଅନେକ କ୍ଷତି ହୋଇଥିଲା।


ପୃଥିଭୂତରେ ସର୍ବୋଚ୍ଚ ପରମାୟୁ ପଥର ନିର୍ମାଣ ୧୦୦୦ (ହଜାର) ବର୍ଷ ଧରାଯାଇଛି। ମାତ୍ର ମନ୍ଦିର ସ୍ଥାୟୀ ନିର୍ମାଣ ପରେ ଲୋକ ଆଗମନ, ପାଇଁ ବଜାର ହାଟ ବାସଗୃହ ନିର୍ମାଣ ପରେ ପରେ ଗଢ଼ି ଉଠିଲା। ସରାଇ ଧର୍ମଶାଳା ମଠ ଲୋକଙ୍କୁ ଆଶ୍ରୟ ବାସ ପାଇଁ କରାଯାଇଥିଲା। ଏହା ମଧ ତତ୍କାଳ ବାସ୍ତୁବିତଙ୍କ ପରାମର୍ଶରେ କରାଯାଇଥିବ। କେବଳ ରାଜାଜ୍ଞା ନୁହେଁ ବିଜ୍ଞ ରାଜପାରିଷଦଙ୍କ ସମ୍ମତ ନିଆଯାଇଥିବ। ମନ୍ଦିର ଏକ ଧର୍ମାନୁଷ୍ଠାନ ଭିନ୍ନ ଧର୍ମ ଲୋକଙ୍କର ଚକ୍ଷୁଶୂଳର କ୍ଷେତ୍ର ଏ ପାଇଁ ହେଉ ବା ଏକ ରାଜାର ଶାସନ କ୍ଷେତ୍ର ସମ୍ପତ୍ତି ଅନ୍ୟ ରାଜା ତାଙ୍କୁ ହଟାଇ ଦଖଲ ଚେଷ୍ଟା କରିପାରନ୍ତି। ଏ ପାଇଁ ରାଜା ସୈନ୍ୟ ରଖିବା ଜରୁରୀ। ମନ୍ଦିରକୁ ଛୋଟ କାଠର ଆକ୍ରମଣରୁ ରକ୍ଷା ପାଇଁ ମନ୍ଦିର ଭିତର ଶୁଦ୍ଧ ବାତାବରଣ ପାଇଁ ପାଚେରୀ ପ୍ରସ୍ତୁତ କରାଯାଇଛି। ଶତ୍ରୁ ପୂର୍ବେ ତୋପ ନେଇ ପାଚେରୀ ଭାଙ୍ଗୁଥିଲେ ଏଥିପାଇଁ ତୋପଗୋଳା ଆଘାତ ସହ୍ୟ ପାଇଁ ସେହି ପରିମାଣ ଶକ୍ତ ପଥରରେ ପାଚେରୀ କରାଯାଇଥିଲା। ପୁଣି ମନ୍ଦିର ଚାରିପଟରେ ମନ୍ଦିର ପାଚେରୀରୁ ନିର୍ଦ୍ଦିଷ୍ଟ କିଛି ଦୂରତ୍ୱରେ ଜନବସତି କରାଯାଇଥିଲା। ବିଦେଶୀ ଚିହ୍ନଟର ଏକ ପ୍ରକ୍ରିୟା ବି ବଳବତ୍ତର ଥିଲା। ମନ୍ଦିର ମୁଖ୍ୟ ନିର୍ମାଣ ତାପରେ କିଛି ବ୍ୟବଧାନରେ ପାଚେରୀ ନିର୍ମାଣ ଏହାପରେ କିଛି ଗମନାଗମନ ପରିକ୍ରମା ପଥ ରଖାଯାଇ ପର ପର ସ୍ଥାନରେ ନିର୍ମାଣ କରାଯାଇଥିଲା।



ସମୁଦ୍ର ଓ ମାଟି ମିଶିବା ସ୍ଥାନର ଉଚ୍ଚତା ମନ୍ଦିରର ଭିତ୍ତି ଉଠିବା ସ୍ଥାନ ବଡ଼ଦାଣ୍ଡ ଉଚ୍ଚତା ଏହା ମଧ୍ୟରେ ସମୁଦ୍ରରେ ନିତ୍ୟ ସାଧାରଣ ଲହରିମାଳା ଆସିବା ବା ଛୁଇଁବା ସ୍ଥାନରୁ ଜଳ ମଧ୍ୟରେ ଡୁବି ରହିଥିବା ସମୁଦ୍ର ଭିତର ଯାହା ତୀରରୁ ବହୁଗର୍ଭ ଯାଏ କେମିତି ଗଭୀର ସ୍ତର ଥିଲା ଏବେ ଅଛି ଏମଧ୍ୟରେ ସମୁଦ୍ର ଲହଡ଼ି ତଟକୁ ପ୍ରତି ମୁହୂର୍ତ୍ତରେ ଧକ୍କା ଦେଉଛି, ପବନ ପ୍ରଚଣ୍ଡରେ ଦକ୍ଷିଣ ଦିଗରୁ ତାଳ ରହିନଥିବା ପବନ ବେଗ ସର୍ବୋଚ୍ଚ ଉଚ୍ଚ ମନ୍ଦିରରେ କେତେ ଆଘାତ ସହିତ ଠେଲା ମାରୁଛି। ଯେଉଁ ଝାଉଁବଣର ଜଙ୍ଗଲ ଥିଲା ତାହା ପ୍ରତ୍ୟେକ ପବନ ଧକ୍କା ରୋଧକ ପରି କାମ କରି ଯେଉଁ ପବନ ସହ୍ୟ କରି ଶ୍ରୀକ୍ଷେତ୍ରର ନିର୍ମାଣଗୁଡ଼ିକ ରକ୍ଷା କରୁଥିଲେ ତାକୁ କାଟି ନଷ୍ଟ କରି ସମୁଦ୍ର ତଟ ଗୃହ ଅଟ୍ଟାଳିକା ନିର୍ମାଣ କରାଗଲା ଯାହା ପ୍ରତ୍ୟେକ ଦିନ ସମୁଦ୍ର ପଟରୁ ଠେଲା ପୁରୀ ସହରକୁ ଓ ମନ୍ଦିର ପାଖ ଭୂମିକୁ ପଡୁଛି। ସମୁଦ୍ରର ଅଭ୍ୟନ୍ତର କୋରଡ଼ ହୋଇ ନିଶ୍ଚେ ଚାଲୁଛି। ପୁରୀ ସହର ପରିତ୍ୟକ୍ତ ଜଳ ଓ ବର୍ଜ୍ୟବସ୍ତୁ ସମୁଦ୍ରକୁ ହିଁ ଝରିବା ଯୋଗୁଁ ଏପରି ବଢ଼ିବା ନିଶ୍ଚିନ୍ତ। ସମୁଦ୍ର ଜଳର ବିଶୁଦ୍ଧ ପଣ ପୂର୍ବରୁ କେମିତି ଥିଲା ବର୍ତ୍ତମାନ କେଉଁ ସ୍ଥିତିରେ ଅଛି କେହି ପରୀକ୍ଷା କରୁନାହାଁନ୍ତି। ଜାପାନରେ ସୁନାମୀ ବିଗତ କାଳରେ ଭୟଙ୍କର ଧରଣର ହୋଇଥିଲା। ଏହାର ସନ୍ନିକଟ ସମୁଦ୍ରରେ ପରିତ୍ୟକ୍ତ ଉଦ୍‌ବାୟୀ ପଦାର୍ଥମାନ ବେଧଡକରେ ଲୋକେ କମ୍ପାନୀମାନେ ଫିଙ୍ଗୁଥିଲେ। ତାର କୁଫଳ ସୁନାମୀରେ ଉଜାଣୀ ବହିବା ସ୍ରୋତରେ ଜଣାପଡ଼ିଥିଲା। ଏପରି ପୁରୀରେ ଯେ କାହିଁକି ନଘଟିବ ଏକଥା କିଏ କହିବ। ମାନ୍ଦ୍ରାଜ ବା ତାମିଲନାଡ୍ରୁ ସମୁଦ୍ର ଉପକଣ୍ଠରେ ଏପରି ସୁନାମୀ କାଳ ସଙ୍କଟ ହେଉଛି। ପଣ୍ଡିଚେରୀ ତଟରେ ଉଚ୍ଚ ବନ୍ଧ ନିର୍ମାଣ କରାଯାଇ ପଥର ପ୍ୟାକ କରି ଜଳକୁ ମାଟିରେ ନୁହେଁ ପଥରରେ ଫିଟାଇବା ଦେଖାଯାଉଛି। ବମ୍ବେ ଉପକଣ୍ଠ ଦ୍ୱାରିକା ସର୍ବତ୍ର ଏପରି ଆପଟ କରାଯାଇଛି, କିନ୍ତୁ ପୁରୀରେ ଅବାଧ ନିର୍ମାଣରେ କେମିତି ଅନୁମତି ମିଳୁଛି ?

ପୁରୀର ନାମ ନୀଳ ପର୍ବତ, ଭୂଚଳନ, ଭୂସ୍ଖଳନ ରୋଧ ପରୀକ୍ଷା କରି ବିଜ୍ଞମାନେ ଏଠାରେ ଏପରି ନିର୍ମାଣ କରିଛନ୍ତି ଯହିଁରେ ମନ୍ଦିରର ଓଜନରେ ଫାଟ ହେବା ସମ୍ଭାବନା ନଥିଲା। ଏବେ ଭିଡ଼ି ହୋଇ ରହିଥିବା ମାଟିକୁ ଖୋଳି ନବ ନିର୍ମାଣ ପାଇଁ ଚେଷ୍ଟା। ପୂର୍ବଚାପ ଦେଇ ନିର୍ମାଣ ଥିବା ଇଟା ପଥର ଘରଗୁଡ଼ିକ ଯନ୍ତ୍ର ଦ୍ୱାରା ବଡ଼ ଶବ୍ଦ କମ୍ପନ କରି ଭାଙ୍ଗି ଦିଆଯିବା ସହିତ ଗର୍ଭଗୁଡ଼ିକ ସେପରି ଯନ୍ତ୍ରରେ ଶବ୍ଦ କମ୍ପନ ସୃଷ୍ଟିରେ କରାଯାଉଛି। ମାଟିଠାରୁ ଶବ୍ଦର ଉତ୍ସକୁ ନିର୍ମାଣ ସ୍ଥାନରୁ ମନ୍ଦିର ବିଭିନ୍ନ ପଥର ଉପରେ ମନ୍ଦିରକୁ ଏକ ଲମ୍ବ ରଖି କରାଗଲେ କମ୍ପନ ଓ ଶବ୍ଦ ପ୍ରଦୂଷଣ ମନ୍ଦିର କାନ୍ଥର ପଥର ଉପରେ କ’ଣ କ୍ରିୟା କରୁଛି କେହି ତଦାରଖ କରୁଛନ୍ତି କି ? ଅନେକ ଥର ପଥର ମନ୍ଦିରରୁ ବିଭିନ୍ନ ସମୟରେ ଖସିଛି ଏହାର କାରଣ ଓ ନିରାକରଣ ଏ ପର୍ଯ୍ୟନ୍ତ ହୁଏତ କରାଯାଇନାହିଁ। ମନ୍ଦିରରେ ଚୁନ ଲଗା ଚୁନ ଛତାରେ ପଥର କାନ୍ଥରେ କେତେ ଆଘାତ ପିଟା ଓ ବାହ୍ୟ ପଟରୁ ଚାପ କରାଯାଇଛି ଏଥିରେ କ’ଣ ନିର୍ମାଣ ନିରାପଦ ରହିଛି କି ? ଏକ ବିଦ୍ୟା ପଢ଼ି ବିଜ୍ଞ ଅନ୍ୟ ବିଦ୍ୟାରେ ଧୂରୀଣଙ୍କୁ ପଚାରି କାମ କରିଲେ ମଙ୍ଗଳ ଏପରି କମ୍ପାନୀ ପୁଞ୍ଜିପତି କରି ଧନବାନ ପ୍ରଗତିଫଳ ଅଥଚ ସରକାରୀ ସ୍ତରରେ ଏପରି ଉଦ୍ୟମ ବ୍ୟାପକ ହେଉନାହିଁ। ସମୟାନ୍ତରକୁ ଏପରି କରାଗଲେ ଆଶା ବିଶ୍ୱାସର ଏ ମନ୍ଦିର ଆଉଥରେ ଗଢ଼ିବା ସମ୍ଭବ ହେବା ନିଶ୍ଚେ ଜଟିଳ।

*—ପିସି ସରକାର ଲେନ୍, ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩*




# ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଜୁନ ୧୯ରେ ସାରା ଜିଲ୍ଲାରେ ମକଡ୍ରିଲ



ବାଲେଶ୍ୱର (ପିଏନ୍)- ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ସାରା ଜିଲ୍ଲାରେ ଜୁନ୍ ୧୯ ତାରିଖ ଦିନ ମକଡ୍ରିଲ୍ ଆୟୋଜିତ ହୋଇଯାଇଛି । ଏହା ପୂର୍ବରୁ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଏକ ଜିଲ୍ଲାସ୍ତରୀୟ ଟେବୁଲ ଟପ ଏକ୍ସରସାଇଜ୍ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଲାଇନ ଡିପାର୍ଟମେଂଟର ଅଧିକାରୀମାନଙ୍କ ସହ ବିପର୍ଯ୍ୟୟ ମୁକାବିଲା, ପୂର୍ବ ପ୍ରସ୍ତୁତି ଓ ଏଥିନିମନ୍ତେ ଜୁନ୍ ୧୯ତାରିଖ ଦିନ ହୋଇଥିବା ମକଡ୍ରିଲରେ ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରାଯାଇଥିଲା । ବିଗତ ବର୍ଷମାନଙ୍କ ଭଳି ଜିଲ୍ଲାର ବନ୍ୟା ଓ ବାତ୍ୟାପ୍ରବଣ ଅଂଚଳର ଲୋକମାନଙ୍କୁ ବିପର୍ଯ୍ୟୟ ପ୍ରଶମନ ଓ ମୁକାବିଲାର ବିଭିନ୍ନ ଉପାୟ, ଅନୁସନ୍ଧାନ, ଉଦ୍ଧାର ଓ ପ୍ରାଥମିକ ଚିକିତ୍ସା କାର୍ଯ୍ୟ ସମ୍ବନ୍ଧରେ ସଚେତନ କରିବା ପାଇଁ ଓଡିଶା ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସହାୟତାରେ ଏହି ମକଡ୍ରିଲ ଅନୁଷ୍ଠିତ ହେଉଛି । ଜିଲ୍ଲାର ବିଭିନ୍ନ ବ୍ଲକରେ ଅବସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଏବଂ ବନ୍ୟା ଆଶ୍ରୟସ୍ଥଳୀରେ ଏହି ମକଡ୍ରିଲ ଅନୁଷ୍ଠିତ ହେବ । ସେହିପରି ରେଡକ୍ରସ ଦ୍ୱାରା ପରିଚାଳିତ କେନ୍ଦ୍ରରେ ମଧ୍ୟ ଏହା ଅନୁଷ୍ଠିତ ହେବ । ବିପର୍ଯ୍ୟୟ ମୁକାବିଲା ପାଇଁ ଥିବା ଆମର ପ୍ରସ୍ତୁତିକୁ ପରଖିବା ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ମକଡ୍ରିଲର ମୁଖ୍ୟ ଉଦ୍ଦେଶ୍ୟ ହେବା ଉଚିତ ବୋଲି ଏହି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର ଏହି ଅବସରରେ ଟେବୁଲ ଟପ ଏକ୍ସରସାଇଜର ଆବଶ୍ୟକତା ଓ ଅନୁପାଳନ ସମ୍ପର୍କରେ ଅବଗତ କରାଇଥିଲେ । ଓସଡାମା ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀ ନିମାଇଁ ଚରଣ ଦାସ ଟେବୁଲ ଟପ ଏକ୍ସରସାଇଜ୍‌ର ଆଭିମୁଖ୍ୟ ଏବଂ ମକଡ୍ରିଲରେ କରାଯିବାକୁ ଥିବା ଅଭ୍ୟାସ ଉପରେ ଆଲୋକପାତ କରିଥିଲେ । ମକଡ୍ରିଲ ପୂର୍ବରୁ ଉପକରଣ ମରାମତିଜନିତ କାର୍ଯ୍ୟ ସାରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସେହିପରି ବିଭିନ୍ନ ଲାଇନ ଡିପାର୍ଟମେଂଟ ଅଧିକାରୀମାନେ ବିପର୍ଯ୍ୟୟ ମୁକାବିଲା ସମ୍ପର୍କିତ ପ୍ରସ୍ତୁତି ଓ ମକଡ୍ରିଲ ପାଇଁ ସେମାନଙ୍କ ପ୍ରସ୍ତୁତି ସମ୍ପର୍କରେ ଟେବୁଲ ଟପ ଏକ୍ସରସାଇଜ୍ ସମୟରେ ଅବଗତ କରାଇଥିଲେ । ମକଡ୍ରିଲରେ ଗ୍ରାମବାସୀମାନେ ଭାଗ ନେଇଥିବାବେଳେ ସ୍ଥାନୀୟ ତହସିଲଦାର, ବି.ଡି.ଓ. ଏବଂ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଏହାର ତଦାରଖ କରିଥିଲେ । ପାଣିପାଗ ବିଭାଗ ପକ୍ଷରୁ ମିଳୁଥିବା ପୂର୍ବ ସୂଚନା ଅନୁଯାୟୀ କିଭଳି ବିଭିନ୍ନ ସ୍ତରରେ ପଦକ୍ଷେପ ନିଆଯିବ ଏବଂ ବିପଦ ସମୟରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରି ଲୋକମାନଙ୍କୁ ପ୍ରାଥମିକ ସୂଚନା ପ୍ରଦାନ କରାଯାଇପାରିବ ସେ ସମ୍ପର୍କରେ ମଧ୍ୟ ଏଥିରେ ଆଲୋଚନା କରାଯାଇଥିଲା । ବିସ୍ଥାପନ ସମୟରେ ପ୍ରଥମେ ମାନବସମ୍ବଳକୁ ସୁରକ୍ଷା ଏବଂ ଧନଜୀବନର ରକ୍ଷାକୁ ପ୍ରାଧାନ୍ୟ ଦିଆଯିବ । ଗର୍ଭବତୀ ମହିଳା, ଦିବ୍ୟାଙ୍ଗ ବ୍ୟକ୍ତି, ବୃଦ୍ଧ-ବୃଦ୍ଧା ଏବଂ ଶିଶୁମାନଙ୍କୁ ଉଦ୍ଧାର କାର୍ଯ୍ୟ ସମୟରେ ପ୍ରାଥମିକତା ଦିଆଯିବ । ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦୁଲାଲସେନ ଜଗଦେବ ପ୍ରମୁଖ ମଂଚାସୀନ ଥିବା ବେଳେ ଏନଡିଆରଏଫ, ଓଡ୍ରାଫ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରିଜୱାନା କଅକବ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଓସଡାମା ସିଷ୍ଟମ ଏକ୍ସପର୍ଟ ଶ୍ରୀ ଅରବିନ୍ଦ ରାୟ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହ ସେମାନଙ୍କର ପ୍ରସ୍ତୁତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଶେଷରେ ୟୁନିସେଫ୍ ଜିଲ୍ଲା ସଂଯୋଜକ ଶ୍ରୀ ପ୍ରଦୀପ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲାସ୍ତର ଭଳି ବ୍ଲକସ୍ତରରେ ମଧ୍ୟଏଭଳି ଟେବୁଲ ଟପ ଏକ୍ସରସାଇଜ୍ ଅନୁଷ୍ଠିତ ହୋଇଯାଇଥିବା ସୂଚନା ମିଳିଛି ।

## ୟୁଥ୍ ଫର୍ ଭଲ୍ୟୁଣ୍ଟାରି ୱାର୍କ ତରଫରୁ ବନ୍ଧୁମିଳନ କାର୍ଯ୍ୟକ୍ରମ



ଭୁବନେଶ୍ୱର (ପିଏନ୍): ସାମାଜିକ ସ୍ୱେଚ୍ଛାସେବୀ ସଙ୍ଗଠନ 'ୟୁଥ୍ ଫର୍ ଭଲ୍ୟୁଣ୍ଟାରୀ ୱାର୍କ' ତରଫରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଭୁବନେଶ୍ୱରର ୟୁନିଟ୍-୬ ପ୍ରଗତି ସ୍ପୋର୍ଟିଂ ସମ୍ମୁଖ ଲୋହିଆ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ସାମାଜିକ କର୍ମୀମାନେ ଯୋଗଦେଇ ପରସ୍ପର ସହ ଭାବବିନିମୟର ସୁଯୋଗ ପାଇଥିଲେ । ସମାଜର ବିଭିନ୍ନ କ୍ଷେତ୍ରରେ ସାମାଜିକ କର୍ମୀ ଭାବେ କାମ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ କିଭଳି ସୁସଂଯୋଗ ସ୍ଥାପନ କରାଯାଇପାରିବ ତାହା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ଓଡ଼ିଶା ସୋସିଆଲ୍ ଆକ୍ଟିଭିଷ୍ଟ ଫୋରମ୍ ଗଠନ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି । ପର୍ଯ୍ୟାୟକ୍ରମେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ "ଯୁବ ସମାଜ ଓ ସମାଜସେବା" ଶୀର୍ଷକ ଆଲୋଚନାଚକ୍ର ଆୟୋଜନ କରି ଯୁବକମାନଙ୍କୁ ସମାଜସେବାରେ ନିୟୋଜନ କରିବାର ପ୍ରଚେଷ୍ଟା କରାଯିବ । ୟୁଥ୍ ଫର୍ ଭଲ୍ୟୁଣ୍ଟାରୀ ୱାର୍କର ଅଧକ୍ଷ ମୀର ଅହମ୍ମଦ ଅଲ୍ଲୀଙ୍କ ପରିଚାଳନାରେ ଆୟୋଜିତ ଏହି କର୍ଯ୍ୟକ୍ରମରେ ବିଶିଷ୍ଟ ନେତୃବୃନ୍ଦଙ୍କ ସହ ସାମାଜିକ କର୍ମୀ ଓ ସାମ୍ବାଦିକ, ଶିକ୍ଷାବିତ୍ ପ୍ରମୁଖ ଯୋଗ ଦେଇ କରୋନା ମହାମାରୀ ପରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ନେତୃବନ୍ଦଙ୍କ ମଧ୍ୟରେ ଶଙ୍କର୍ଷଣ ପରିଡ଼ା, ବିଶ୍ୱଭୂଷଣ ଦାସ, ଚନ୍ଦନ କର, ସୁଦର୍ଶନ ପ୍ରଧାନ, ଜ୍ୟୋତିରଞ୍ଜନ ମହାପାତ୍ର, ଅରୁଣ ଜେନା, ମନୱର ଅଲ୍ଲୀ, ସଂଜୟ ଜେନା, ସଂଘମିତ୍ରା ଜେନା, ଦିଲ୍ଲୀପ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ବିନୋଦ କୁମାର ରାଉତ, ସିଲୁ ସାହୁ, ବିନ୍ଦୁଜା ଉପାଧ୍ୟାୟ, ସ□ିତା ମହାନ୍ତି, ମାନସ ରଞ୍ଜନ ସାହୁ, ଅଂଶୁମାନ ଦାସ, ହାର୍ଦ୍ଦିକ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

## ବରିଷ୍ଠ ନାଗରିକ ମଂଚର ସ୍ଥାୟୀ କାର୍ଯ୍ୟାଳୟ ଦାବି

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ବରିଷ୍ଠ ନାଗରିକ ମଂଚର ନିଜସ୍ୱ ଗୃହ ନ ଥିବାରୁ ଏଥିପାଇଁ ମଂଚର ଏକ ପ୍ରତିନିଧି ଦଳ ପୌରପାଳିକା ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତିଙ୍କୁ ସାକ୍ଷାତ୍ କରି ଦାବିପତ୍ର ଦେଇଛନ୍ତି । ମଂଚ ପକ୍ଷରୁ ସଭାପତି ଐତିହାସିକ ସତ୍ୟବାଦୀ ବଳିଆରସିଂହ, ସମ୍ପାଦକ ସମାଜସେବୀ ରାମଶଙ୍କର, ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ବିଚିତ୍ର କୁମାର ବଡ଼ଜେନା, ସଂଗଠନ ସମ୍ପାଦକ ଆଇନଜୀବୀ ବସନ୍ତ କୁମାର ଦାଶ ପ୍ରମୁଖ ବରିଷ୍ଠ ନାଗରିକମାନଙ୍କର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଏକ ସ୍ଥାୟୀ କାର୍ଯ୍ୟାଳୟର ଆବଶ୍ୟକତା ସମ୍ପର୍କରେ ଶ୍ରୀମତୀ ମହାନ୍ତିଙ୍କୁ ଅବଗତ କରାଇଥିଲେ । ବିଡିଏ କଲୋନୀର ଏମ୍-୨୪ ଓ ଏମ୍-୨୫ ମଧ୍ୟରେ ଥିବା ସ୍ଥାନକୁ ବରିଷ୍ଠ ନାଗରିକ ମଂଚର ନିଜସ୍ୱ ଗୃହ ପାଇଁ ଉପଯୋଗ କରିବାକୁ ପ୍ରତିନିଧି ଦଳ ଅଧ୍ୟକ୍ଷାଙ୍କୁ ଅବଗତ କରାଇଥିଲେ । ସୂଚନାଯୋଗ୍ୟ, ଉକ୍ତ ସ୍ଥାନରେ ପୂର୍ବରୁ ପଥରଖଣି ଥିଲା । ପୌରପାଳିକା ପକ୍ଷରୁ ସେହି ସ୍ଥାନକୁ ସଭାଗୃହ ନିମନ୍ତେ ଉପଯୋଗ କରିବା ପାଇଁ ମାଟି ପକାଇ ପୋତାଯିବା ସହ ସମତୁଲ କରାଯାଇଥିଲା । ବିଧାୟକ ଜିତୁ ମିତ୍ର ମଧ୍ୟ ଉକ୍ତ ସ୍ଥାନକୁ ସଭାଗୃହ ନିମନ୍ତେ ପ୍ରଦାନ କରିବା ପାଇଁ ବିଡିଏ କର୍ତୃପକ୍ଷଙ୍କୁ ଦୁଇ ଦୁଇ ଥର ଚିଠି ମାଧ୍ୟମରେ ଜଣାଇସାରିଛନ୍ତି । ତେଣୁ ଯଥାଶୀଘ୍ର ସେଠାରେ ବରିଷ୍ଠ ନାଗରିକ ମଂଚର ସ୍ଥାୟୀ କାର୍ଯ୍ୟାଳୟ କରାଯିବା ପାଇଁ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ ।

# ପ୍ରଶାସନ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ସଂପର୍କରେ ସଚେତନତା



କୋଣାର୍କ (ପିଏନ୍)-୧୯୯୯ ମସିହା ମହାବ୍ୟତ୍ୟା ପରେ ରାଜ୍ୟ ସରକାର ଜୁନ ମାସ ୧୯ ତାରିଖକୁ ସମଗ୍ର ଓଡିଶାରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସ ଭାବେ ପାଳନ କରିଆସୁଛନ୍ତି । ସୁନାମୀ ଓ ସାମୁଦ୍ରିକ ଝଡବାତ୍ୟା ସମୟରେ ଉପକୂଳବର୍ତ୍ତି ଅ□ଳରେ ବସବାସ କରୁଥିବା ଲୋକେ କିଭଳି ପ୍ରାକୃତିକ ବିପତ୍ତିର ମୁକାବିଲା କରିପାରିବେ ସେ ସଂପର୍କରେ ଗୋପ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକର ୧୯ଟି ସ୍ଥାନରେ ଥିବା ବହୁମୁଖୀ ବାତ୍ୟାଶ୍ରୟସ୍ଥଳୀରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନର ପ୍ରଶାସନିକ ଅଧିକାରୀ, ପ୍ରଶିକ୍ଷକ, ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ସୁନାମୀ, ସାମୁଦ୍ରିକ ଝଡବାତ୍ୟା, ଭୂମିକମ୍ପ, ବନ୍ୟା, ବଜ୍ରପାତ, ପାଣିରେ ବୁଡିଯିବା, ସର୍ପାଘାତ ଓ ପ୍ରାଥମିକ ଉପଚାର ଏବଂ ବିଭିନ୍ନ ପ୍ରକାର ପ୍ରାକୃତିକ ବିପତ୍ତି କ'ଣ ପାଇଁ ହୋଇଥାଏ ଓ ଏହି ବିପତ୍ତି ସମୟରେ ଧନଜୀବନକୁ କିପରି ରକ୍ଷାକରାଯାଇପାରିବ ଏବଂ ଏହି ସମୟରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀର ଆବଶ୍ୟକତା ସମ୍ପର୍କରେ ପ୍ରଶାସନିକ ଅଧିକାରୀମାନେ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳିରେ ଉପସ୍ଥିତ ପୁରୁଷ, ମହିଳା ଓ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ପୁରୀ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କମିଟିର କନଭେନର ତଥା ଶୋଲାର ସଂପାଦକ ହରିଶ୍ଚନ୍ଦ୍ର ଦାଶ ସମିଳି ପ□ାୟତର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ରହି ଲୋକଙ୍କୁ ସଚେତନ କରାଇଥିଲେ । ଏତଦ୍‌ବ୍ୟତିତ କୋଣାର୍କ ଥାନାନ୍ତର୍ଗତ ଚମ୍ପାହାର ଅଗ୍ନିସମ ସେବାକେନ୍ଦ୍ର ପକ୍ଷରୁ ଅଗ୍ନିଶମ ଅଧିକାରୀ ତୁଷାରକାନ୍ତି ପରିଜାଙ୍କ ନେତୃତ୍ୱରେ ଆଗ୍ନିକମାନେ କାକଟପୁର ବ୍ଲକ ଅନ୍ତର୍ଗତ ହରିଦାଶପୁର ଓ ସୁକପୋଖରୀଠାରେ ଥିବା ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳିରେ ପହ□ ପ୍ରାକୃତିକ ବିପର୍ଯ୍ୟୟ ସଂପର୍କରେ ଲୋକଙ୍କୁ ଅବଗତ କରାଇଥିଲେ । ଏତଦ୍‌ବ୍ୟତିତ ପ୍ରାକୃତିକ ବିପତ୍ତି ସମୟରେ ଓଡ୍ରାଫ ଟିମ୍ ଘଟଣାସ୍ଥଳରେ ପହ□ିବା ପୂର୍ବରୁ ବିପନ୍ନ ଲୋକଙ୍କୁ କିଭଳି ଉଦ୍ଧାର କରାଯାଇପାରିବ ସେ ସମ୍ପର୍କରେ ଉପସ୍ଥିତ ଗ୍ରାମବାସୀ ଓ ଛାତ୍ରଛାତ୍ରୀଙ୍କୁ କେତେକ କୌଶଳ ବତାଇବା ସହ ମିଛିମିଛିକା ଉଦ୍ଧାର କୌଶଳ ପ୍ରଦର୍ଶନ କରିଥିଲେ । ଗୋପ ବ୍ଲକ ଅନ୍ତର୍ଗତ ଗଡବାଙ୍ଗୋର, ଭୁଆଁ, ଡିମିପୁର, ଗଇଁଡୋଳ, ଖାଲକଟାପାଟଣା, ବାଙ୍ଗୋର, ଟିକନା ଓ ଚନ୍ଦ୍ରଭାଗାକୁ ସୁନାମୀପ୍ରବଣ ଗ୍ରାମ ଘୋଷଣା କରାଯାଇଥିବା ବେଳେ ବ୍ଲକରେ ଥିବା ୧୯ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ମଧ ପ୍ରଶାସନ ପକ୍ଷରୁ ଆଗୁଆ ସତର୍କ ରହିବା ପାଇଁ ସଚେତନ କରାଯାଇଥିବା ବେଳେ ମୋକଡ୍ରିଲ କରାଯାଇଥିଲା । ଏଠାରେ ସୂଚନା ଥାଉକି ରାଜ୍ୟରେ ୮୭୯ଟି, ପୁରୀ ଜିଲ୍ଲାରେ ୧୭୦ଟି ବହୁମୁଖୀ ବାତ୍ୟାଶ୍ରୟସ୍ଥଳୀ ରହିଛି ।



## —ଅଭୁଲା ସ୍ମୃତିରେ ପ୍ରାଣକୃଷ୍ଣ—

# ପୂର୍ବତନ ବନ ବିଭାଗ ଅଧିକାରୀ ତଥା ଈଶାନେଶ୍ୱର ମନ୍ଦିର କମିଟିର ସଭାପତି ପ୍ରାଣକୃଷ୍ଣ ପାଣିଗ୍ରାହୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର (ପିଏନ୍): କରୋନାର କରାଳ କାୟାରେ ଛନ୍ଦିହୋଇ ଅସମୟରେ ଝଡିପଡିଥିବା ଓଡିଶା ବନ ଉନ୍ନୟନ ନିଗମର ପୂର୍ବତନ ଅଧିକାରୀ, ଶ୍ରୀ ଈଶାନେଶ୍ୱର ମନ୍ଦିର ଟ୍ରଷ୍ଟର ସଭାପତି, ନୀଳାଦ୍ରିବିହାର ଆବାସିକ ସଂଘର ପୂର୍ବତନ କର୍ମକର୍ତା, ସମାଜସେବୀ, ଧର୍ମପରାୟଣ ବ୍ୟକ୍ତିତ୍ୱ, ସର୍ବମାନ୍ୟ ମୁରବୀ, ଆଦରଣୀୟ ତଥା ସର୍ବଜନାଦୃତ ବ୍ୟକ୍ତିତ୍ୱ ସ୍ୱର୍ଗତଃ ପ୍ରାଣକୃଷ୍ଣ ପାଣିଗ୍ରାହୀଙ୍କୁ ତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି ଉପଲକ୍ଷେ ଶ୍ରୀ ଈଶାନେଶ୍ୱରଙ୍କ ପୀଠରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ଉତ୍ସବକୁ ଓଡିଶା ଡି.ଏ.ଭି ଅନୁଷ୍ଠାନ ସମୂହର ଆ ଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀ ଶ୍ରଦ୍ଧାସୁମନ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏଥିରେ ବିଭିନ୍ନ ବର୍ଗର ଯୋଗଦେଇଥିବା ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଭୁବନେଶ୍ୱର ଉ ର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମହାନଗର ନିଗମର ଡେପୁଟି ମେୟର ମଞ୍ଜୁଲତା କହଁର, ସ୍ଥାନୀୟ କର୍ପୋରେଟର ମୋନାଲିସା ସାହୁ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ଡ. ଦେବାଶିଷ ପଟ୍ଟନାୟକ, ସମ୍ ହସ୍ପିଟାଲର ଡିନ୍ ଡଃ ସଂଘମିତ୍ରା ମିଶ୍ର, ଡି.ଏ.ଭି ଅନୁଷ୍ଠାନ ସମୂହର ସହ ଆ ଳିକ ନିର୍ଦ୍ଦେଶିକା ଡ. ସୁଜାତା, ଡି.ଏ.ଭି ୟୁନିଟ୍-୮ର ଅଧ୍ୟକ୍ଷା ଇପ୍‌ସିତା ଦାଶ, ବରିଷ୍ଠ ଶିକ୍ଷାବିତ୍ ଭାଗ୍ୟବତୀ ନାୟକ, ଚଳଚିତ୍ର ଅଭିନେତା ପ୍ରେମାଞ୍ଜନ ପରିଡା, ସୁନାମଧନ୍ୟ ଚିକିତ୍ସକ ଡଃ ଆର୍.କେ. ମହାପାତ୍ର, ଡଃ ବସନ୍ତ କୁମାର ପତି, ଡଃ ଅଶୋକ ଆଚାର୍ଯ୍ୟ, ଡଃ ସମୀର୍ ସାହୁ, ଡଃ ଅଶୋକ କୁମାର ନନ୍ଦ, ଡଃ ସୁଦୀପ୍ତ ସାହୁ, ଡଃ ଏନ୍.କେ. ପଟ୍ଟନାୟକ, ଡଃ ପ୍ରଭଞ୍ଜନ ରାୟସାମନ୍ତ, ଭୁବନେଶ୍ୱର ଆପୋଲ ହସ୍ପିଟାଲର ବି ବିଭାଗ ମୁଖ୍ୟ ଅମର କୁମାର ବେହେରା ଓ ଅଧିକାରୀ ଆଲୋକ କୁମାର ବେହେରା, କିମ୍ସ ହସ୍ପିଟାଲ୍‌ର ପରିଚାଳନା ନିର୍ଦ୍ଦେଶକ ସୌମ୍ୟକାନ୍ତ ଶତପଥୀ, ବରଗଡ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଅନୁଗୁଳ ଜିଲ୍ଲାର ପୂର୍ବତନ ଉପ-ଜିଲ୍ଲାପାଳ ବାସୁଦେବ ଶତପଥୀ, ଭାରତ ସଂଚାର ନିଗମ ଲିମିଟେଡ୍‌ର ପୂର୍ବତନ ଅଧିକାରୀ ଶ୍ରୀ ବଳରାମ ପାଲ୍ ଓ ଅବନିନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ସ୍ୱର୍ଗତଃ ଆତ୍ମାର ଐଶ୍ୱରିକ ଶାନ୍ତି ପ୍ରାର୍ଥନା କରିଥିଲେ । ନୀଳାଦ୍ରିବିହାର ଯୁବ ଓ ସାଂସ୍କୃତିକ ସଂଘର ପ୍ରତ୍ୟକ୍ଷ ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଈଶାନେଶ୍ୱର ମନ୍ଦିର ଟ୍ରଷ୍ଟ ବୋର୍ଡ, ନୀଳାଦ୍ରି ବିହାର ଆବାସିକ ସଂଘ, ବରିଷ୍ଠ ନାଗରିକ ସଂଘର କର୍ମକର୍ତା, ବିଭିନ୍ନ ଡି.ଏ.ଭି ଅନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ତଥା ଅ ଳର ବିଭିନ୍ନ ଅନୁଷ୍ଠାନ ଓ ବୁଦ୍ଧିଜୀବୀ ଉପସ୍ଥିତ ରହି ସ୍ୱର୍ଗତଃ ପାଣିଗ୍ରାହୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିବା ସହ ଏକ ସ୍ମୃତି କମିଟି ଗଠନ ଓ ଏକ ସ୍ମରଣିକା ପ୍ରକାଶ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ପ୍ରକାଶ ଥାଉକି ସ୍ୱର୍ଗତଃ ପାଣିଗ୍ରାହୀ କରୋନାରେ ଆକ୍ରାନ୍ତ ହୋଇ ଫୁସ୍‌ଫୁସ୍‌ଜନିତ ସଂକ୍ରମଣ ଯୋଗୁ ଗତବର୍ଷ ଜୁନ୍ ମାସରେ ୭୪ ବର୍ଷ ବୟସରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ । ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ସରଳ, ନିଷ୍କପଟ, ଅମାୟିକ ବ୍ୟକ୍ତି ଭାବେ ସ୍ଥାନୀୟ ଅ ଳରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ଶେଷରେ ପାଣିଗ୍ରାହୀ ପରିବାର ତରଫରୁ ସମସ୍ତଙ୍କ ସଦୟ ଉପସ୍ଥିତି ପାଇଁ କୃତଜ୍ଞତା ଜ୍ଞାପନ କରାଯାଇଥିଲା ।




## ମହୀଧରପଡ଼ା ରାସ୍ତା କାର୍ଯ୍ୟ ଅଧାରୁ ବନ୍ଦ!

ଫୁଲନଖରା (ପିଏନ୍)-କଟକ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ମହୀଧରପଡ଼ା-ଗୋବିନ୍ଦପୁର ରାସ୍ତା ଉନ୍ନତିକରଣ କାର୍ଯ୍ୟ ଅଧାରୁ ବନ୍ଦ ହୋଇ ପଡ଼ି ରହିଛି । ତ୍ରିନାଥବଜାରଠାରୁ ୭କିଲୋମିଟର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ଏକ ମିଟର ଲେଖାଏଁ ପ୍ରଶସ୍ତିକରଣ କରାଯିବାପାଇଁ ଟେଣ୍ଡର ହୋଇଥିଲା ଏବଂ ଉଭୟ ପାର୍ଶ୍ୱରେ ଥିବା ବେଆଇନ ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ପ୍ରସ୍ତାବ ଥିଲା । ମାତ୍ର ସମ୍ପୃକ୍ତ ଠିକାଦାର କେବଳ ତ୍ରିନାଥବଜାର ଜଳସମ୍ପଦ ବିଭାଗ ପାଚେରି ନିକଟ ଅବରୋଧକୁ ହଟାଇଥିଲେ ହେଁ ଆଉ କୌଣସି ସ୍ଥାନରେ ଏହା କରିନଥିଲେ । ଇତି ମଧ୍ୟରେ ଉଚ୍ଛେଦ ହୋଇଥିବା ସ୍ଥାନରେ ପୁନର୍ବାର ଜବରଦଖଲ ଆରମ୍ଭ ହୋଇଥିବା ଦେଖାଯାଉଛି । ଅପରପକ୍ଷରେ ପ୍ରଶସ୍ତିକରଣ କାର୍ଯ୍ୟ ନଗରୀ ମୌଜା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହେବାପରେ ଉକ୍ତ କାର୍ଯ୍ୟ ସେହିଠାରେ ଅଟକି ରହିଛି । ଦୀର୍ଘଦିନ ହେଲା କାର୍ଯ୍ୟ ଆଉ ଆଗକୁ ଅଗ୍ରସର ହୋଇପାରୁନାହିଁ । ଏତଦ୍‌ସହିତ କେତେକ ସ୍ଥାନରେ ଗାର୍ଡ୍‌ୱାଲର ଜରୁରୀ ଆବଶ୍ୟକତା ଥିଲେହେଁ ସମ୍ପୃକ୍ତ ଠିକାଦାର ତାକୁ ଏଡ଼ାଇଦେଇଛନ୍ତି । ବ୍ୟସ୍ତବହୁଳ ଏହି ରାସ୍ତାର ସନ୍ତୋଳ ଛକଠାରୁ ଅବଶିଷ୍ଟ କାର୍ଯ୍ୟ ତୁରନ୍ତ ଶେଷ କରିବା ସହିତ ରାସ୍ତା ପାର୍ଶ୍ୱ ଖାଲୁଆ ଅଂଶରେ କଂକ୍ରିଟ ବନ୍ଧ କରିବାକୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ବିଭାଗୀୟ କର୍ତୃପକ୍ଷଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି ।

## ଆରଏମସି କର୍ମଚାରୀ ଭିଜିଲାନ୍ସ ଦ୍ୱାରା ଦଣ୍ଡିତ

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ଏକ ଲାଂଚ ନେବା ମାମଲାର ବିଚାର କରି ସେରଗଡ଼ ଆରଏମ୍‌ସି ଚେକ୍ ଗେଟ୍ କର୍ମଚାରୀ କହ୍ନେଇ ଲାଲ ସର୍ଦାରଙ୍କୁ ୨ଟି ଦଫାରେ ଯଥାକ୍ରମେ ଏକବର୍ଷ ଜେଲ ଦଣ୍ଡ ଓ ୨୦୦୦ ଟଙ୍କା ଜରିମାନା ଏବଂ ଜରିମନା ଅନାଦେୟ ଆଉ ଏକ ମାସ ଜେଲ ଦଣ୍ଡ ଏବଂ ଅନ୍ୟ ଦଫାରେ ଏକ ବର୍ଷ ଜେଲ ଦଣ୍ଡ ସହ ୫୦୦୦ ଟଙ୍କା ଜୋରିମନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଜରିମନା ଅନାଦେୟ ଅଧିକ ୨ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟ ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ ଯେ ଗତ ତା୨୬/୮/୨୦୧୧ ଦିନ ସେରଗଡ଼ ଆରଏମସି କର୍ମଚାରୀ କହ୍ନେଇଲାଲ ଚେକ୍ ଗେଟ୍‌ରେ ମାଛ ଜାଆଁଳ ନେଇ ଯାଉଥିବା ଏକ ମହିନ୍ଦ୍ରା ପିକ୍‌ଅପ୍ ଭ୍ୟାନକୁ ପାର କରେଇବା ପାଇଁ ଶହ ଶହ ଟଙ୍କା ଲା□ ନେଉଥିବାବେଳେ ଧରାପଡ଼ିଥିଲେ । ଏହି ମାମଲାର ବିଚାର କରି ଭିଜିଲାନ୍ସ କୋର୍ଟ ବିଚାରପତି ଉକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଏହି ମାମଲାକୁ ପୂର୍ବତନ ଭିଜିଲାନ୍ସ ଇନିସପେକ୍ଟର ଡ଼ିଏସପି ଉମେଶଚନ୍ଦ୍ର ପଣ୍ଡା ତଦନ୍ତ କରୁଥିଲେ ।





# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ହାବିଟାଟସ ଟ୍ରଷ୍ଟ ଭାରତର ସମୃଦ୍ଧ ଜୈବ ବିବିଧତାକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କୁ ଟ୩.୨୦କୋଟି ଦେବା ପାଇଁ ମୁର କରିଛି

ନୂଆଦିଲ୍ଲୀ, (ପି.ଏନ): ଭାରତର ପ୍ରାକୃତିକ ବାସସ୍ଥାନ ଓ ବସବାସ କରୁଥିବା ପ୍ରଜାତିଙ୍କ ସଂରକ୍ଷଣ ତଥା ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ହାବିଟାଟସ ଟ୍ରଷ୍ଟ, ଭାରତର ପ୍ରାକୃତିକ ସୁରକ୍ଷା ତଥା ସଂରକ୍ଷଣ ଦିଗରେ କାର୍ଯ୍ୟ କରୁଥିବା ସଂସ୍ଥା ତଥା ବ୍ୟକ୍ତିବିଶେଷଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଆଗ୍ରହ ପ୍ରକାଶ କରିଛି। ବନ୍ୟଜଂୁ ଓ ପ୍ରାକୃତିକ ବାସସ୍ଥାନ ସୁରକ୍ଷା ପାଇଁ ଏହି ସଂସ୍ଥା ଟ.୩.୨୦ କୋଟିକୁ ତିନୋଟି ପର୍ଯ୍ୟାୟରେ ପ୍ରଦାନ କରିବ। ଅନଲାଇନ ପାଇଁ ଆବେଦନ ପୋର୍ଟାଲ ୨୩ ଜୁନ ୨୦୨୨ରୁ ୫ ଅଗଷ୍ଟ ୨୦୨୨ ପର୍ଯ୍ୟ' ଖୋଲା ରହିବ ଓ ଫର୍ମକୁ ଅନଲାଇନ ମାଧ୍ୟମରେ ପୂରଣ କରି ଏହି ୱେବସାଇଟ ଜରିଆରେ ପଠାଯାଇ ପାରିବ: http: // www.thehabitatstrust.org/ ରାକେଶ ଚାଭନ ହାବିଟାଟସ ଟ୍ରଷ୍ଟର ମୁଖ୍ୟ କହିଛନ୍ତି ଯେ 'ମାନବିକତା ସମ୍ମୁଖୀନ ହେଉଥିବା ସବୁଠାରୁ ବଡ଼ ଆହ୍ୱାନକୁ ହ୍ରାସ କରିବା ଲାଗି ଭାରତ ପ୍ରୟାସ କରୁଛି। ଭାରତ ପରିବେଶୀୟ ଦୃଷ୍ଟିରୁ ଏକ ଅସ୍ୱାଭାବିକ ସଂକଟ ଆଡ଼କୁ ଯାଉଥିବାରୁ ଜୈବ ବିବିଧତାର ସଂରକ୍ଷଣର ଆବଶ୍ୟକତା ରହିଛି। ବିଜ୍ଞାନ ଓ ପରିବେଶ କେନ୍ଦ୍ରର ୨୦୨୧ ରିପୋର୍ଟ ଅନୁଯାୟୀ ଚାରୋଟି ହଟସ୍ପଟ ଅଧିନରେ ୯୦%ରୁ ଅଧିକ ଅଂଚଳ ହଜିଯାଇଛି ଓ ୨୫ଟି ପ୍ରଜାତି ବିଲୁପ୍ତ ହୋଇଯାଇଛନ୍ତି। ଆମର ମୁରୀ ବର୍ଗ ବିବିଧତା ସ୍ତରକୁ ସହାୟତା ଦେବ ଓ ପ୍ରକଳ୍ପକୁ ରୂପାୟିତ କରିବ। ଏଥିପାଇଁ ଏକ ଉଲ୍ଲେଖନୀୟ ମୁରୀ ପରିମାଣ ଟ.୩.୨୦ କୋଟି ସହ ଦୀର୍ଘ ଅବଧିର ମଞ୍ଜୁରୀ ପ୍ରକଳ୍ପ ବର୍ଷ ପରେ ବର୍ଷ କାର୍ଯ୍ୟ କରିବ।ଟିଏଚଟି ସଂରକ୍ଷଣ ଅନୁଦାନ ୧ କୋଟି ଟଙ୍କା ପ୍ରତ୍ୟେକରୁ ଦୁଇଟି ସଂଗଠନହାବିଟାଟସ ଟ୍ରଷ୍ଟ ସଂରକ୍ଷଣ ଯୋଜନା ମୁରୀ ଅଳ୍ପ ଜଣାଶୁଣା ପ୍ରଜାତି ଓ ଜଟିଳ ବାସସ୍ଥାନ ସଂରକ୍ଷଣ ଦିଗରେ କାର୍ଯ୍ୟକରୁଥିବା ସଂସ୍ଥାଗୁଡ଼ିକ ସହାୟତା କରିବ। ଏହା ଭାରତର ଗ୍ରାଂଟେସିନାଡ୍ରେସିଂ କ୍ରିଟିକାଲ ସଂରକ୍ଷଣ ଗୁଡ଼ିକୁ ସାହାଯ୍ୟ କରିବ ଓ ବାସସ୍ଥାନର ଅବକ୍ଷୟ, ବିବିଧତା ହ୍ରାସ, ବିଲୁପ୍ତ ପ୍ରାୟ ପ୍ରଜାତିଙ୍କ ସଂରକ୍ଷଣ ପାଇଁ କାର୍ଯ୍ୟ ଲାଗି ସାହାଯ୍ୟ କରିବ। ଟିଏଚଟି ଆକ୍ସନ ଗ୍ରାଂଟ ଟ.୨୫ ଲକ୍ଷ ପ୍ରତ୍ୟେକ ତିନୋଟି ସଂସ୍ଥା / ବ୍ୟକ୍ତିବିଶେଷଙ୍କ ପାଇଁ ରହିଛି। ହାବିଟାଟସ ଟ୍ରଷ୍ଟ ଆକ୍ସନ ଗ୍ରାଂଟ ତିନିଜଣ ବ୍ୟକ୍ତିବିଶେଷ/ ସଂସ୍ଥାକୁ ସହାୟତା ପ୍ରଦାନ କରିବ ଯେଉଁମାନେ ଅଳ୍ପ ଜଣଶୁଣା ପ୍ରଜାତି ଏବଂ/କିମ୍ବା ବାସସ୍ଥାନ ଉପରେ କାର୍ଯ୍ୟ କରୁଛଁ ଯାହାର ଜରୁରୀ ସଂରକ୍ଷଣ ଆବଶ୍ୟକତା ରହିଛି। ନୂଆ ମୂଲ୍ୟାୟନ ପ୍ରକ୍ରିୟା- ଏହି ମଂଜୁରୀ ପାଇଁ ଆବେଦନକୁ ବିଶେଷଜ୍ଞଙ୍କ ଦ୍ୱାରା ମୂଲ୍ୟାୟନ କରାଯିବ। ଦୁଇଟି ବର୍ଗରେ ୩୦ ଆବେଦନକାରୀଙ୍କୁ ଯାଂଚ ଓ ସର୍ଟଲିଷ୍ଟ କରାଯିବ। ଏହା ସହ କ୍ଷେତ୍ର ପରିଦର୍ଶନ ମାଧ୍ୟମରେ ଉପଯୁକ୍ତ ବିବେଚନା କରାଯିବ। ୨୦ ଜଣଙ୍କୁ ଚୁଡ଼ାଂ ସ୍ତରରେ ରଖାଯିବ। ଚଳିତ ବର୍ଷ ଶେଷ ଆଡ଼କୁ ପ୍ରତିଷ୍ଠିତ ଖଣ୍ଡପୀଠ ଦ୍ୱାରା ପାଂଚଜଣଙ୍କୁ ବିବେଚିତ କରାହେବ। ଯାହା ପ୍ରତ୍ୟେକଙ୍କୁ ୩ ଲକ୍ଷ୍ୟ ପର୍ଯ୍ୟ' ସହାୟତା ଯୋଗାଇ ଦେବ। ଏହି ଅନୁଦାନ ପାଇଁ ଆବେଦନ ବ୍ୟବସ୍ଥା ୨୩ ଜୁନ ଠାରୁ ଆରମ୍ଭ ହେବ। ହାବିଟାଟସେ ଟ୍ରଷ୍ଟର ବିଶେଷଜ୍ଞଙ୍କ ଦ୍ୱାରା ପ୍ରାର୍ଥି ମନୋନୟନ କରାଯିବ।

# କାଉନସିଲରରୁ ରାଜ୍ୟପାଳ ପରେ ଏନଡିଏର ରାଷ୍ଟ୍ରପତି ପାର୍ଥି ଦ୍ରୌପଦୀ ମୁର୍ମୁ

ରାଇରଙ୍ଗପୁର, (ପି.ଏନ): ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡର କୁସୁମୀ ବ୍ଲକ ଅନ୍ତର୍ଗତ ଉପରବେଡ଼ା ଏକ ସ୍ୱନାମଧନ୍ୟ ଗ୍ରାମ। ଯେଉଁ ଗ୍ରାମରେ ବହୁ ରଥି ମହାରଥୀଙ୍କ ଜନ୍ମ। ସେ ମଧ୍ୟରେ ରହିଛନ୍ତି କାର୍ତିକ ଚନ୍ଦ୍ର ମାଝୀ (ପୂର୍ବତନ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ), ଭବେନ୍ଦ୍ର ମାଝୀ (ବିଧାୟକ), ସାଲଖାନ ମୁର୍ମୁ (ପୂର୍ବତନ ସାଂସଦ) ଓ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ (ଝାରଖଣ୍ଡ ରାଜ୍ୟପାଳ)ଙ୍କ ଭଳି କିର୍ତିମାନ୍ ପ୍ରତିଭା ମାନେ। ସେଥି ମଧ୍ୟରୁ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଜଣେ ଅଭିଜ୍ଞତା ପୂର୍ଣ୍ଣ ଓ ସଫଳ ରାଜନୀତିଜ୍ଞ ଭାବେ ଖୁବ୍ କମ ଦିନ ଭିତରେ ସୁନାମ ଅର୍ଜନ କରି ଝାଡ଼ଖଣ୍ଡ ରାଜ୍ୟ ତଥା ଭାରତରେ ପ୍ରଥମ ଆଦିବାସୀ ମହିଳା ରାଜ୍ୟପାଳ ଭାବେ ନିଜକୁ ପ୍ରତିଷ୍ଠା କରିପାରିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ଏକ ନିପଟ ମଫସଲ ଅଂଚଳ ଉପରବେଡା ଠାରେ ୧୯୫୮ ମସିହା ଜୁନ ୨୦ ତାରିଖରେ ଆଦିବାସୀ ପରିବାରରେ ଜନ୍ମଲାଭ କରିଥିଲେ ଶ୍ରୀମତୀ ମୁର୍ମୁ। ତାଙ୍କ ପିତାଙ୍କ ନାମ ବିରଜି ନାରାୟଣ ଟୁଡୁ ଓ ମାତାଙ୍କ ନାମ ସିଙ୍ଗୋ ଟୁଡୁ। ଶିକ୍ଷା ପ୍ରତି ଶ୍ରୀମତୀ ମୁର୍ମୁଙ୍କ ଆଗ୍ରହ କର୍ତବ୍ୟ ନିଷ୍ଠା, ପ୍ରତ୍ୟେକଙ୍କ ପ୍ରତି ଦୟା ଭାବ, ନମ୍ରତା, ଦୁଃଖି ବ୍ୟକ୍ତିଙ୍କ ପ୍ରତି ସମବେଦନା ପ୍ରଭୃତି ଗୁଣ ଛୋଟ ବେଳୁ ହିଁ ପରିଲକ୍ଷିତ ହେଉଥିବାରୁ ବଡ଼ ମଣିଷ ହେବାର ଲକ୍ଷ୍ୟ ରଖାଯାଉଥିଲା। ଦ୍ରୌପଦୀ ମୁର୍ମୁ ଭୁବନେଶ୍ୱର ୟୁନିଟ୍ -୨ ବାଳିକା ହାଇସ୍କୁଲରେ ମାଧ୍ୟମିକ ଶିକ୍ଷା ଗ୍ରହଣ କରିଥିଲେ। ପରେ ରମାଦେବୀ ମହିଳା କଲେଜରେ ଅଧ୍ୟୟନ କରି ରାଜନୀତି ବିଜ୍ଞାନ ଓ ସମାଜ ବିଜ୍ଞାନ ରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ରାଜ୍ୟ ସଚିବାଳୟରେ କିରାଣୀରୁ ଚାକିରି ଆରମ୍ଭ କରି ସେକ୍ସନ୍ ଅଫିସର ଭାବେ କାର୍ଯ୍ୟ ତୁଲାଇ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ପରବର୍ତୀ ସମୟରେ ରାଇରଙ୍ଗପୁର ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ କିଛି ଦିନ ଶିକ୍ଷାଦାନ ଓ ଆଇନ ସହାୟତା କେନ୍ଦ୍ରରେ ଜଣେ ସକ୍ରିୟ ସଦସ୍ୟ ଥାଇ ମହିଳା ମାନଙ୍କୁ ସହାୟତା କରୁଥିଲେ। ପରେ ରାଇରଙ୍ଗପୁର ବିଜ୍ଞାପିତ ପରିଷଦ ନିର୍ବାଚନ ସମୟରେ ୨ ନମ୍ବର ୱାର୍ଡରେ ମହିଳା ପ୍ରାର୍ଥୀ ଖୋଜିବା ସମୟରେ ଭାଜପାର ଉପଖଣ୍ଡ ଦାୟୀତ୍ୱରେ ଥିବା ସାମ୍ବାଦିକ ନିଗମାନନ୍ଦ ପଟ୍ଟନାୟକ ତିନି ଚାରି ଥର ଦ୍ରୌପଦୀ ମୁର୍ମୁଙ୍କ ସ୍ୱାମୀ ଶ୍ରୀ ଶ୍ୟାମଚରଣ ମୁର୍ମୁଙ୍କୁ ସାକ୍ଷାତ କରି ଭାଜପାରେ ଯୋଗଦେଇ କାଉନସିଲର୍ ରେ ଛିଡ଼ା ହେବା ପାଇଁ କହିଥିଲେ। ପରେ ତାଙ୍କର ସମ୍ମତି ହେବାରୁ ତତ୍କାଳୀନ ଜିଲ୍ଲା ସଭାପତି ରାଜକିଶୋର ଦାସଙ୍କୁ ନେଇ ଶ୍ରୀ ପଟ୍ଟନାୟକ ତାଙ୍କୁ ପ୍ରଥମେ ବିଜେପିର ସଦସ୍ୟତାରେ ନାମ ପଞ୍ଜିକରଣ କରାଇଥିଲେ। ପରେ ସେହି ବର୍ଷ ୧୯୯୭ ରେ କାଉନସିଲର ହେବା ପରେ ରାଇରଙ୍ଗପୁର ବିଜ୍ଞାପିତ ଅଂଚଳ ପରିଷଦରେ ଉପାଧ୍ୟକ୍ଷା ହୋଇପାରିଥିଲେ। ୨୦୦୦ ମସିହା ସାଧାରଣ ନିର୍ବାଚନରେ ରାଇରଙ୍ଗପୁର ବିଧାନସଭା ଆସନରୁ ବିଜେପିରୁ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ବିଜେଡି ଓ ବିଜେପିର ମିଳିତ ସରକାରରେ ୨୦୦୦ ରୁ ୨୦୦୨ ପର୍ଯ୍ୟନ୍ତ ଦ୍ରୌପଦୀ ମୁର୍ମୁଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗରେ ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ କରାଯାଇଥିଲା। ପରେ ୨୦୦୨ ରୁ ୨୦୦୪ ପର୍ଯ୍ୟନ୍ତ ସେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗରେ ମନ୍ତ୍ରୀ ହୋଇଥିଲେ। ୨୦୦୪ ନିର୍ବାଚନ ରେ ସେ ପୁନର୍ବାର ବିଜୟୀ ହୋଇଥିଲେ ମଧ୍ୟ ତାଙ୍କୁ ଆଉ ମନ୍ତ୍ରୀ କରାଯାଇନଥିଲା। ୨୦୦୯ ପର୍ଯ୍ୟନ୍ତ ସେ ବିଧାୟକ ଭାବେ କାର୍ଯ୍ୟ କରିଥିଲେ।୨୦୦୯ ରେ ବିଜେଡି ଓ ବିଜେପି ମେଂଟ ଭାଙ୍ଗିଯିବା ପରେ ଗତ ଦୁଇଟି ନିର୍ବାଚନରେ ଶ୍ରୀମତୀ ମୁର୍ମୁ ବିଜେପିର ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିଲେ ମଧ୍ୟ ତାଙ୍କୁ ସଫଳତା ମିଳିନଥିଲା। ତେବେ ଆରମ୍ଭରୁ ସେ ଆଦିବାସୀ ବର୍ଗ ର ଉନ୍ନତି, ଆଦିବାସୀ ମହିଳାମାନଙ୍କ ବିକାଶ ଏବଂ ମୟୂରଭଞ୍ଜ ଜିଲ୍ଲାର ବିଜେପି ସଭାପତି ଭାବେ ବିଭିନ୍ନ କାର୍ଯ୍ୟକ୍ରମ ରେ ନିଜକୁ ସାମିଲ କରି ରଖିଥିଲେ। ଦେଶର ପ୍ରଥମ ଆଡ଼ିବାସି ମହିଳା ରାଜ୍ୟପାଳ ହେବାର ଗୌରବ ଦ୍ରୌପଦୀ ମୁର୍ମୁ ପାଇଥିଲେ। ଏହା ଛଡ଼ା ଅନୁସୂଚିତ ଜନଜାତି ବର୍ଗରୁ ମଧ୍ୟ ସେ ପ୍ରଥମ ରାଜ୍ୟପାଳ ହୋଇଛନ୍ତି। ତାଙ୍କ ପୂର୍ବରୁ ଓଡିଶାର ୭ ଜଣ ବିଶିଷ୍ଟ ରାଜନୀତିଜ୍ଞ ବିଭିନ୍ନ ରାଜ୍ୟର ରାଜ୍ୟପାଳ ହୋଇଥିଲେ ମଧ୍ୟ କେହି ଜଣେ ହେଲେ ଅନୁସୂଚିତ ଜାତି କିମ୍ବା ଅନୁସୂଚିତ ଜନଜାତି ବର୍ଗ ର ନଥିଲେ। ଦ୍ରୌପଦୀ ମୁର୍ମୁ ନୂଆ ଇତିହାସ ସୃଷ୍ଟି କରିଛନ୍ତି। ଶ୍ରୀମତୀ ମୁର୍ମୁଙ୍କ ୨ ପୁଅ ଓ ୨ ଝିଅ ଜନ୍ମ ନେଇଥିବା ବେଳେ ତାଙ୍କ ୨ ପୁଅଙ୍କ ଅକାଳ ବିୟୋଗ ହୋଇଥିଲା। ତାଙ୍କ ସ୍ୱାମୀ ବ୍ୟାଙ୍କ୍ ଅଫ ଇଣ୍ଡିଆର ମ୍ୟାନେଜର ଭାବେ ଓଡିଶା ଓ ଝାରଖଣ୍ଡ ରେ ଚାକିରି କରିଥିଲେ। ହେଲେ ସେ ରାଜ୍ୟପାଳ ହେବା ପୂର୍ବରୁ ତାଙ୍କ ସ୍ୱାମୀଙ୍କ ଦେହାନ୍ତ ହୋଇଯାଇଥିଲା। ଏବେ କେବଳ ଏକମାତ୍ର ଝିଅ ୟୁକୋ ବ୍ୟାଙ୍କ ରେ ଚାକିରି କରୁଛନ୍ତି। କେନ୍ଦ୍ର ର ମୋଦି ସରକାର ଶ୍ରୀମତୀ ମୁର୍ମୁ ଙ୍କୁ ପ୍ରଥମେ ରାଜ୍ୟପାଳ ଏବଂ ପରେ ଏବେ ଏନ. ଡି. ଏ ର ରାଜ୍ୟପାଳ ପ୍ରାର୍ଥୀ ଭାବେ ମନୋନିତ କରିଥିବାରୁ ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ତଥା ସାଧାରଣ ବର୍ଗ ର ଲୋକେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଙ୍କୁ କୃତଜ୍ଞତା ଜଣାଇଛନ୍ତି। ୨୦୧୫ ମସିହା ମେ ମାସ ୧୮ ତାରିଖରେ ଦ୍ରୌପଦୀ ମୁର୍ମୁ ରାଜ୍ୟପାଳ ହେଲା ପରେ ଓଡିଶା ଆସିଥିଲେ। ସେତେବେଳେ ସେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଥିଲେ। ଏହି କଥାକୁ ନେଇ ବିରୋଧୀ ଦଳର ବହୁ ବରିଷ୍ଠ ନେତା ଦ୍ରୌପଦୀଙ୍କୁ ସମାଲୋଚନା କରିଥିଲେ। ସେମାନେ କହିବା କଥା ଯେ, ଏପରି ଆସିବା ଦ୍ୱାରା ଶ୍ରୀମତୀ ମୁର୍ମୁ ପ୍ରୋଟୋକଲ ଭଙ୍ଗ କରିଛନ୍ତି। ପଦ ମର୍ଯ୍ୟାଦା ଓ ଗରିମା ଦୃଷ୍ଟିରୁ ସେମାନଙ୍କ କଥା ଠିକ୍ ହେଇପାରେ ମାତ୍ର ଦ୍ରୌପଦୀ ମୁର୍ମୁ ତାଙ୍କ ଅତୀତକୁ ଭୁଲି ନଥିଲେ। ତାଙ୍କ ଜୀବନରେ ଦିନେ ନବୀନଙ୍କ ମନ୍ତ୍ରୀ ମଣ୍ଡଳରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ। ସେଦିନ ସେ ମନ୍ତ୍ରୀ ହୋଇଥିଲେ ବୋଲି ପରେ ରାଜ୍ୟପାଳ ଏବଂ ଏବେ ରାଜ୍ୟପାଳ ହେବା ଦୌଡ଼ରେ ସର୍ବାଗ୍ରେ। ଏଥିରୁ ଦ୍ରୌପଦୀଙ୍କର ନମ୍ରତା ଓ ନିରହଙ୍କାରର ପ୍ରମାଣ ମିଳେ। ଦ୍ରୌପଦୀ ମୁର୍ମୁଙ୍କ ଜୀବନ ଏକ ସଂଘର୍ଷ ମୟ ଜୀବନ । ଦୁଃଖ ଓ ସୁଖକୁ ସେ ସବୁବେଳେ ସମାନ ଭାବରେ ଗ୍ରହଣ କରିଥିବାରୁ ତାଙ୍କ ଠାରେ ସହନଶୀଳତା ଦେଖିବାକୁ ମିଳିଥାଏ । ଇଂରେଜ ଶାସନ ସମୟରେ ତାଙ୍କ ବାପା ଟାକ୍ସ କଲେକ୍ଟର ଭାବେ କାମ କରୁଥିଲେ । ସେତେବେଳେ ତାଙ୍କ ପରିବାରର ଆର୍ଥିକ ଅବସ୍ଥା ଭଲ ଥିଲା, କିନ୍ତୁ ଦେଶ ସ୍ୱାଧୀନ ପରେ ତାଙ୍କ ବାପାଙ୍କ ଚାକିରୀ ମଧ୍ୟ ଗଲା, ପରେ ଆର୍ଥିକ ଅବସ୍ଥା ମଧ୍ୟ ଧୀରେ ଧୀରେ ଖରାପ ହେବାକୁ ଲାଗିଲା । ବାପା ପରିବାର ଚଳାଇ ନ ପାରି ଚାଷ କାମ ଆରମ୍ଭ କଲେ । ଏପରି ଅବସ୍ଥା ହେଲା ଯେ ଗୋଟିଏ ବେଳା ଭାତ ଖାଉଥିବା ବେଳେ ଅନ୍ୟ ବେଳା ତାଙ୍କ ମାଆ ମହୁଲ ନହେଲେ ତେନ୍ତୁଳି ମଞ୍ଜି ଭିଜାଇ ଖାଇବାକୁ ଦେଉଥିଲେ ।

## ଭୁବନ ଫଂଚାୟତ ସମିତିର ସାଧାରଣ ବୈଠକ

ଭୁବନ,(ପି.ଏନ): ଭୁବନ ପଂଚାୟତ ସମିତିର ତୃତୀୟ ସାଧାରଣ ବୈଠକ ବ୍ଲକ ସଭାଗୃହ ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷା ସିପ୍ରା ବରାଳ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କାମାକ୍ଷାନଗର ବିଧାୟକ ତଥା ରାଜ୍ୟ ଖଣି,ଇସ୍ପାତ ଓ ପୂର୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବିଡିଓ ଆଶୀର୍ବାଦ ପରିଡା,ବ୍ଲକ ଅଧକ୍ଷା ସିପ୍ରା ବରାଳ, ଉପାଧ୍ୟକ୍ଷା ସରୋଜିନୀ ଦ୍ୱିବେଦୀ , ସାଂସଦ ପ୍ରତିନିଧି ଜିତେନ୍ଦ୍ର ରାଉତଙ୍କ ସମେତ ସମସ୍ତ ପଂଚାୟତ ପ୍ରତିନିଧି ଉପସ୍ଥିତ ଥିଲେ ।

## ୧୧ କେଭି ବିଦ୍ୟୁତ୍ ସସ୍ପର୍ଶରେ ଆସି ଚାଷୀ ମୃତ : କ୍ଷତି ପୂରଣ ପାଇଁ ଗ୍ରାମବାସୀଙ୍କ ଦାବି

ଧର୍ମଶାଳା,(ପି.ଏନ): ଯାଜପୁର ଜିଲା ରସୁଲପୁର ବ୍ଲକ ଆଜି ସକାଳେ ଗୋପିନାଥପୁର ଗ୍ରାମରେ ଏକ ଅଘଟଣ ଘଟିଯାଇଛି । କ୍ଷେତକୁ ଯାଉଥିବା ସମୟରେ ୧୧ କେଭି ବିଦ୍ୟୁତ୍ ତାର ସସ୍ପର୍ଶରେ ଆସି ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି । ମୃତ ଚାଷୀ ଜଣକ କୁଆଖିଆ ଥାନା ଅନ୍ତର୍ଗତ ଗୋପିନାଥପୁର ଗ୍ରାମର ବିନୋଦ ସାହୁ(୬୫) ବୋଲି ଜଣାପଡିଛି । ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ କିଛି ସମୟ ପାଇଁ ଉତେଜନା ଲାଗି ରହିଥିଲା । ବିଦ୍ୟୁତ୍ ବିଭାଗର ଖାମଖିଆଲ ପାଇଁ ଆଜି ଏତେ ବଡ ଅଘଟଣ ଘଟିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନା ମୁତାବକ ବିନୋଦ ଆଜି ସକାଳେ କ୍ଷେତକୁ ପୋଟଳ ତୋଳିବାକୁ ଯାଉଥିବା ସମୟରେ ପୂର୍ବରୁ କ୍ଷେତରେ ୧୧ କେଭି ତାର ଛିଡି ଥିବା ତାର ସସ୍ପର୍ଶରେ ଆସିଥିଲେ। ଫଳରେ ନିକଟରେ ଥିବା ଗ୍ରାମବାସୀ ଏହାକୁ ଦେଖି ବିଦ୍ୟୁତ୍ ସରବରାହକୁ ବିଛିନ୍ନ କରିଥିଲେ । ବିନୋଦଙ୍କୁ ଗୁରୁତର ଅବସ୍ଥାରେ ସଂଗେସଂଗେ ଗ୍ରାମବାସୀ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ କୁଆଖିଆ ପୋଲିସ ମେଡିକାଲରେ ପଂହଚି ମୃତ ଦେହକୁ ଜବତ କରି ସହ ଏକ ଅପମୃତ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି । ତେବେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଚାପା ପ୍ରକାଶ ପାଇଥିଲା। ମୃତ ଚାଷୀଙ୍କ ପରିବାରକୁ ସରକାରୀ ଓ ବିଦ୍ୟୁତ୍ ବିଭାଗ ପକ୍ଷରୁ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି

## ଶବ ନେଇ ଆମ୍ବୁଲାନ୍ସ ଠିଆ ହେଲା ୬ ଘଣ୍ଟା, ପ୍ରଶାସନ ହସ୍ତକ୍ଷେପରେ ଅନ୍ୟତ୍ର ହେଲା ସଂସ୍କାର

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲା ଫିରିଙ୍ଗିଆଠାରେ ଜଣେ କରୋନା ସଂକ୍ରମିତଙ୍କର ମୃତ୍ୟୁ ହେବାପରେ ପ୍ରଶାସନ ତରଫରୁ ଅସ୍ଥାୟୀ ଭାବରେ ନିର୍ଦ୍ଧାରଣ କରାଯାଇଥିବା ଶ୍ମସାନରେ ଶବଦାହ କରିବାକୁ ବିରୋଧ କରି ଅଂଚଳବାସୀ ଶବ ନେଇଥିବା ଆମ୍ବୁଲାନ୍ସକୁ ୬ ଘଣ୍ଟା ଧରି ଅଟକାଇବା ସହିତ ସେଠାରେ ଶବଦାହ କରିବାକୁ ବିରୋଧ କରିବାରୁ ଅଡୁଆରେ ପଡିଥିଲେ ମୃତକଙ୍କ ପରିବାର ଲୋକେ । ଫଳରେ ସେଠାରେ ଫିରିଙ୍ଗିଆ ତହସିଲଦାର ପୁନମ ରାଉତ ଏବଂ ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓ ପହଂଚି ଲୋକଙ୍କୁ ବୁଝାସୁଝା କରିବାପରେ ମଧ ସେଠାରେ ଥିବା ଲୋକମାନେ ସବୁବେଳେ ଯାତାୟାତ କରୁଥିବାରୁ ସେଠାରେ କୋଭିଡ୍ ରୋଗୀର ଶବକୁ ପୋଡିବାକୁ ବିରୋଧ କରିଥିଲେ । ଫଳରେ ପ୍ରଶାସନ ଓ ପୋଲିସ ଉଦ୍ୟମରେ ଅନ୍ୟ ଏକ ଜନଶୂନ୍ୟ ତଥା ଜନବସତି ଠାରୁ ଦୂରବର୍ତି ସ୍ଥାନରେ ଶବକୁ ସଂସ୍କାର କରାଯାଇଛି । ସୂଚନା ଅନୁସାରେ, ଗତକାଲି ଫୁଲବାଣୀ କୋଭିଡ ହସାପିଟାଲରେ ଚିକିତ୍ସିତ ଅବସ୍ଥାରେ ଫିରିଙ୍ଗିଆ ଅଂଚଳର ଭାଗବତ ବେହେରା(୬୫)ଙ୍କର ମୃତ୍ୟୁ ହୋଇଥିଲା । କୋଭିଡ ହସପିଟାଲ କର୍ତୃପକ୍ଷ ଆଜି ଭୋର ସମୟରେ ମୃତକଙ୍କର ପରିବାର ଲୋକଙ୍କ ଘରକୁ ନେଇ ଏକ ଆମ୍ବୁଲାନ୍ସରେ ଶବକୁ ହସ୍ତାନ୍ତର କରିବା ସହିତ ଫିରିଙ୍ଗିଆରେ ପ୍ରଶାସନ ଦ୍ୱାରା ଅସ୍ଥାୟୀ ଭାବରେ ସ୍ଥିରିକୃତ ଶ୍ମସାନରେ ଶବକୁ ଦାହ ସଂସ୍କାର କରିବାକୁ ନେଇଥିଲେ । ଏହା ଜାଣିବାରେ ସେହି ଆଖପାଖରେ ଥିବା ମଝିପଡା, ଫିରିଙ୍ଗିଆ ଉପରପଡା, ନାହାନାଗାଁ, ଘାଟିସାହି ଆଦି ଅଂଚଳରେ ଥିବା ଲୋକମାନେ ସେଠାରେ କରୋନା ରୋଗୀଙ୍କ ଶବ ଦାହ କରିବାକୁ ବିରୋଧ କରିବା ସହିତ କିଛି ସମୟପାଇଁ ସେହି ଅଂଚଳରେ ଥିବା ମଝିପଡା ଘାଟି ନିକର ରାସ୍ତାରେ ରାସ୍ତାରୋକ କରିଥିଲୋ । ଫଳରେ ସେଠାରେ ଥିବା କାଶୀନିପଦର ଓ ଫିରିଙ୍ଗିଆ ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଥିଲା । ଖବର ପାଇବାପରେ ସେଠାରେ ଫିରିଙ୍ଗିଆ ତହସିଲଦାର ପୁନମ ରାଉତ ଏବଂ ଫିରିଙ୍ଗିଆ ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓ ପୁଲିସ ଫୋର୍ସ ସହ ସେଠାରେ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ। ସେଠାରେ ନେତୃସ୍ଥାନୀୟ ବ୍ୟକ୍ତି ମାନଙ୍କର ସହାୟତାରେ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରାଯାଇଥିଲ । ହେଲେ ସେମାନେ ଏଥିରେ ରାଜି ନହେବାରୁ ମଝିପାଡା ଘାଟି ନିକଟରେ ଥିବା ଏକ ନିରୋଳା ଯାଗାରେ ଶବକୁ ସଂସ୍କାର କରାଯାଇଥିଲା। ମୃତ ଭାଗବତ ବେହେରା ଫିରିଙ୍ଗିଆ ଅଂଚଳର ଜଣେ ଜଣାଶୁଣା ବ୍ୟବସାୟୀ ହୋଇଥିବାରୁ ତାଙ୍କ ବିୟୋଗରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ଶୋକରେ ଆଜି ଫିରିଙ୍ଗିଆର ସମସ୍ତ ଦୋକାନ ବଜାର ବନ୍ଦ ରହିଛି।

# ଚତୁର୍ଦ୍ଦଶ ବ୍ରିକ୍ସ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, (ପି.ଏନ): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ନିମନ୍ତ୍ରଣ କ୍ରମେ ଚତୁର୍ଦ୍ଦଶ ବ୍ରିକ୍ସ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବେ । ୨୩-୨୪ ଜୁନ୍, ୨୦୨୪ରେ ଚୀନ୍ ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ବ୍ରିକ୍ସ ଶିଖର ସମ୍ମିଳନୀ ଆୟୋଜନ କରାଯିବ । ସମ୍ମିଳନୀ ଅବସରରେ ଜୁନ ୨୪ ତାରିଖରେ ଅତିଥି ରାଷ୍ଟ୍ରମାନଙ୍କୁ ନେଇ ବିଶ୍ୱ ଘଟଣାକ୍ରମ ଉପରେ ଏକ ଉଚ୍ଚସ୍ତରୀୟ ଆଲୋଚନା ଅନୁଷ୍ଠିତ ହେବ ।ସବୁ ବିକାଶଶୀଳ ରାଷ୍ଟ୍ରର ଆପୋସ ସମସ୍ୟା ଆଧାରିତ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରିବା ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଲାଗି ବ୍ରିକ୍ସ ଏକ ମଂଚ ଭାବେ କାର୍ଯ୍ୟ କରି ଆସୁଛି । ବହୁପକ୍ଷୀୟ ବ୍ୟବସ୍ଥାରେ ସଂସ୍କାର ଆଣିବା ନିମନ୍ତେ ବ୍ରିକ୍ସ ରାଷ୍ଟ୍ରମାନେ ନିୟମିତ ଭାବେ ଆହ୍ୱାନ କରି ଆସୁଛନ୍ତି, ଯାହାଫଳରେ ଏହି ବ୍ୟବସ୍ଥା ଅଧିକ ପ୍ରତିନିଧିମୂଳକ ଓ ସମାବେଶୀ ହୋଇପାରିବ।ଚତୁର୍ଦ୍ଦଶ ବ୍ରିକ୍ସ ଶିଖର ସମ୍ମିଳନୀରେ ଆତଙ୍କବାଦ ମୁକାବିଲା, ବାଣିଜ୍ୟ, ସ୍ୱାସ୍ଥ୍ୟ, ପାରମ୍ପରିକ ଚିକିତ୍ସା, ପରିବେଶ, ଏସଏଣ୍ଡଟି ଏବଂ ନବୋନ୍ମେଷ, କୃଷି, ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷା, ପ୍ରଶିକ୍ଷଣ ଏବଂ ଏମଏସଏମଇ ଆଦି କ୍ଷେତ୍ରରେ ଆନ୍ତଃବ୍ରିକ୍ସ ସହଯୋଗ ବଢ଼ାଇବା ଉପରେ ଆଲୋଚନା ହେବ ବୋଲି ଆଶା କରାଯାଉଛି । ବହୁପକ୍ଷୀୟ ମଂଚରେ ସଂସ୍କାର, କୋଭିଡ-୧୯ ମହାମାରୀ ମୁକାବିଲା ଏବଂ ବିଶ୍ୱ ଆର୍ଥିକ ସୁଧାର ଆଦି ଅନ୍ୟାନ୍ୟ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି ।ଶିଖର ସମ୍ମିଳନୀ ଆୟୋଜନ ହେବା ପୂର୍ବରୁ ୨୨ ଜୁନ୍ ୨୦୨୨ରେ ବ୍ରିକ୍ସ ବ୍ୟବସାୟ ମଂଚର ଉଦଘାଟନୀ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଂଶଗ୍ରହଣ କରିବେ, ଏଥିରେ ସେ ଦୀକ୍ଷାନ୍ତ ଭାଷଣ ଦେବେ ।

## ଭୁବନ ଏନଏସି ରେ ସ୍ୱଚ୍ଛ ସାଥୀଙ୍କୁ ପୋଷାକ ବଣ୍ଟନ

ଭୁବନ,(ପି.ଏନ): ଭୁବନ ଏନଏସି ତରଫରୁ ସ୍ୱଚ୍ଛସାଥୀ ମାନଙ୍କୁ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନଗରପାଳ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବାରେ ସ୍ୱଚ୍ଛସାଥୀ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିବା ସହ ଭୁବନ ଏନଏସି ରେ କାର୍ଯ୍ୟ କରୁଥିବା ସମସ୍ତ ସ୍ୱଚ୍ଛସାଥୀ ମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ପରେ ସମୁଦାୟ ୧୬ ଜଣ ସ୍ୱଚ୍ଛସାଥୀ ଙ୍କୁ ପୋଷାକ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଶ୍ୟାମ ସୁନ୍ଦର ସାହୁ ,ଗୋଷ୍ଠୀ ସଂଗଠିକା ଜଳିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# କାଉନସିଲରରୁ ରାଜ୍ୟପାଳ ପରେ ଏନଡିଏର ରାଷ୍ଟ୍ରପତି ପାର୍ଥି ଦ୍ରୌପଦୀ ମୁର୍ମୁ

ରାଇରଙ୍ଗପୁର, (ପି.ଏନ): ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡର କୁସୁମୀ ବ୍ଲକ ଅନ୍ତର୍ଗତ ଉପରବେଡା ଏକ ସ୍ୱନାମଧନ୍ୟ ଗ୍ରାମ। ଯେଉଁ ଗ୍ରାମରେ ବହୁ ରଥି ମହାରଥୀଙ୍କ ଜନ୍ମ। ସେ ମଧ୍ୟରେ ରହିଛନ୍ତି କାର୍ତିକ ଚନ୍ଦ୍ର ମାଝୀ (ପୂର୍ବତନ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ), ଭବେନ୍ଦ୍ର ମାଝୀ (ବିଧାୟକ), ସାଲଖାନ ମୁର୍ମୁ (ପୂର୍ବତନ ସାଂସଦ) ଓ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ (ଝାରଖଣ୍ଡ ରାଜ୍ୟପାଳ)ଙ୍କ ଭଳି କିର୍ତିମାନ୍ ପ୍ରତିଭା ମାନେ। ସେଥି ମଧ୍ୟରୁ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଜଣେ ଅଭିଜ୍ଞତା ପୂର୍ଣ୍ଣ ଓ ସଫଳ ରାଜନୀତିଜ୍ଞ ଭାବେ ଖୁବ୍ କମ ଦିନ ଭିତରେ ସୁନାମ ଅର୍ଜନ କରି ଝାଡ଼ଖଣ୍ଡ ରାଜ୍ୟ ତଥା ଭାରତରେ ପ୍ରଥମ ଆଦିବାସୀ ମହିଳା ରାଜ୍ୟପାଳ ଭାବେ ନିଜକୁ ପ୍ରତିଷ୍ଠା କରିପାରିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ଏକ ନିପଟ ମଫସଲ ଅଂଚଳ ଉପରବେଡା ଠାରେ ୧୯୫୮ ମସିହା ଜୁନ ୨୦ ତାରିଖରେ ଆଦିବାସୀ ପରିବାରରେ ଜନ୍ମଲାଭ କରିଥିଲେ ଶ୍ରୀମତୀ ମୁର୍ମୁ। ତାଙ୍କ ପିତାଙ୍କ ନାମ ବିରଜି ନାରାୟଣ ଟୁଡୁ ଓ ମାତାଙ୍କ ନାମ ସିଙ୍ଗୋ ଟୁଡୁ। ଶିକ୍ଷା ପ୍ରତି ଶ୍ରୀମତୀ ମୁର୍ମୁଙ୍କ ଆଗ୍ରହ କର୍ତବ୍ୟ ନିଷ୍ଠା, ପ୍ରତ୍ୟେକଙ୍କ ପ୍ରତି ଦୟା ଭାବ, ନମ୍ରତା, ଦୁଃଖି ବ୍ୟକ୍ତିଙ୍କ ପ୍ରତି ସମବେଦନା ପ୍ରଭୃତି ଗୁଣ ଛୋଟ ବେଳୁ ହିଁ ପରିଲକ୍ଷିତ ହେଉଥିବାରୁ ବଡ଼ ମଣିଷ ହେବାର ଲକ୍ଷ୍ୟ ରଖାଯାଉଥିଲା। ଦ୍ରୌପଦୀ ମୁର୍ମୁ ଭୁବନେଶ୍ୱର ୟୁନିଟ୍ - ୨ ବାଳିକା ହାଇସ୍କୁଲରେ ମାଧ୍ୟମିକ ଶିକ୍ଷା ଗ୍ରହଣ କରିଥିଲେ। ପରେ ରମାଦେବୀ ମହିଳା କଲେଜରେ ଅଧ୍ୟୟନ କରି ରାଜନୀତି ବିଜ୍ଞାନ ଓ ସମାଜ ବିଜ୍ଞାନ ରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ରାଜ୍ୟ ସଚିବାଳୟରେ କିରାଣୀରୁ ଚାକିରି ଆରମ୍ଭ କରି ସେକ୍ସନ୍ ଅଫିସର ଭାବେ କାର୍ଯ୍ୟ ତୁଲାଇ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ପରବର୍ତୀ ସମୟରେ ରାଇରଙ୍ଗପୁର ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ କିଛି ଦିନ ଶିକ୍ଷାଦାନ ଓ ଆଇନ ସହାୟତା କେନ୍ଦ୍ରରେ ଜଣେ ସକ୍ରିୟ ସଦସ୍ୟ ଥାଇ ମହିଳା ମାନଙ୍କୁ ସହାୟତା କରୁଥିଲେ। ପରେ ରାଇରଙ୍ଗପୁର ବିଜ୍ଞାପିତ ପରିଷଦ ନିର୍ବାଚନ ସମୟରେ ୨ ନମ୍ବର ୱାର୍ଡରେ ମହିଳା ପ୍ରାର୍ଥୀ ଖୋଜିବା ସମୟରେ ଭାଜପାର ଉପଖଣ୍ଡ ଦାୟୀତ୍ୱରେ ଥିବା ସାମ୍ବାଦିକ ନିଗମାନନ୍ଦ ପଟ୍ଟନାୟକ ତିନି ଚାରି ଥର ଦ୍ରୌପଦୀ ମୁର୍ମୁଙ୍କ ସ୍ୱାମୀ ଶ୍ରୀ ଶ୍ୟାମଚରଣ ମୁର୍ମୁଙ୍କୁ ସାକ୍ଷାତ କରି ଭାଜପାରେ ଯୋଗଦେଇ କାଉନସିଲର୍ ରେ ଛିଡ଼ା ହେବା ପାଇଁ କହିଥିଲେ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ଅଚ୍ୟୁତ ସାମନ୍ତଙ୍କ ମାନିଲା ଗସ୍ତ : ଏଫଆଇଭିବିର ସାଧାରଣ ପରିଷଦ ବୈଠକରେ ଯୋଗଦାନ



ଭୁବନେଶ୍ୱର,(ପି.ଏନ): ଫେଡ଼େରେସନ୍ ଇଣ୍ଟରନ୍ୟାସ୍‌ନାଲ୍ ଭଲିବଲ୍ (ଏଫଆଇଭିବି)ର ବାର୍ଷିକ ସାଧାରଣ ପରିଷଦ ବୈଠକ ଫିଲିପାଇନ୍‌ସର ମାନିଲାଠାରେ ଗୁରୁବାର ଆରମ୍ଭ ହୋଇଛି। ଏଫଆଇଭିବିର ଆମନ୍ତ୍ରଣ କ୍ରମେ ଭାରତୀୟ ଭଲିବଲ୍ ସଂଘ (ଭିଏଫଆଇ)ର ସଭାପତି ଅଚ୍ୟୁତ ସାମନ୍ତ ଏହି ବୈଠକରେ ଯୋଗ ଦେଇଛନ୍ତି। ପ୍ରଥମ ଥର ଲାଗି ଭାରତୀୟ ଭଲିବଲ୍ ସଂଘର ସଭାପତି ଭାବେ ଶ୍ରୀ ସାମନ୍ତ ଏଥିରେ ଭାରତର ପ୍ରତିନିଧିତ୍ୱ କରୁଛନ୍ତି। ଏଫଆଇଭିବିର ବାର୍ଷିକ ସାଧାରଣ ପରିଷଦ ବୈଠକ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୨୨୨ଟି ଦେଶର ଭଲିବଲ୍ ସଂଘ ସଭାପତି ଯୋଗ ଦେଇଛନ୍ତି। ଏହି ବୈଠକରେ ଯୋଗଦେବା ଅବସରରେ ଶ୍ରୀ ସାମନ୍ତ ଏଫଆଇଭିବିର ସଭାପତି ଆରି ଗ୍ରାକା ଓ ମହାନିର୍ଦ୍ଦେଶକ ଫାବିଓ ଆଜେଭେଦୋଙ୍କ ସହ ବ୍ୟକ୍ତିଗତ ଭାବେ ଭେଟିଥିଲେ। ଏହି ସାକ୍ଷାତ ସମୟରେ ଶ୍ରୀ ସାମନ୍ତ ଭାରତରେ ଭଲିବଲକୁ ଲୋକପ୍ରିୟ କରାଇବା ସହ ଏହାର ବିକାଶ ଓ ପ୍ରସାର ନେଇ ଆରି ଗ୍ରାକା ଓ ଫାବିଓଙ୍କ ସହ ଆଲୋଚନା କରିଥିଲେ। ଭାରତରେ ଭିଲବଲ୍‌ର ବିକାଶ ଦିଗରେ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ଆର ଗ୍ରାକା ଓ ଫାବିଓ ଶ୍ରୀ ସାମନ୍ତଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହା ବ୍ୟତୀତ ଏହି ବୈଠକରେ ଯୋଗ ଦେଇଥିବା ଭଲିବଲ ସଂଘର ସଭାପତିଙ୍କ ସହ ମଧ୍ୟ ଶ୍ରୀ ସାମନ୍ତ ସାକ୍ଷାତ ଆଲୋଚନା କରିଥିଲେ। କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ଶ୍ରୀ ସାମନ୍ତ ଏହି ବୈଠକରେ ଗୋଟିଏ ଦିନ ଯୋଗ ଦେବେ ବୋଲି ଜଣାପଡ଼ିଛି। ଶ୍ରୀ ସାମନ୍ତଙ୍କ ସହ ଭାରତୀୟ ଭଲିବଲ୍ ସଂଘର ସହ-ସମ୍ପାଦକ ତଥା ଓଡ଼ିଶା ଭଲିବଲ୍ ଆସୋସିଏସନ୍‌ର ସମ୍ପାଦକ ଡ. ଗଗନେନ୍ଦୁ ଦାଶ ମଧ ମାନିଲା ଗସ୍ତରେ ଅଛନ୍ତି।

## କ୍ୟାନସର ପୀଡିତ ଟ୍ରଲି ଚାଳକଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଳକ ଅନ୍ତର୍ଗତ ଚହଟା (ମୁସ୍ତଫାନଗର) ବସ୍ତିର ଜଣେ ଟ୍ରଲି ଚାଳକ ଦୀର୍ଘ ଦିନ ହେଲା କ୍ୟାନସର ରୋଗରେ ପୀଡିତ ହେବା ଫଳରେ ପରିବାର ଭୋକ ଓପାଷରେ ଦିନ କାଟୁଛନ୍ତି । ହବିବ ଜାରକା ଅଂଚଳରେ ଟ୍ରଲି ଚଳାଇ ନିଜର ପରିବାର ପ୍ରତିପୋଷଣ କରନ୍ତି । ହେଲେ ହଠାତ ତାଙ୍କ ପେଟରେ ଯନ୍ତ୍ରଣା ହେବାରୁ ପରିବର ଲୋକେ ତାଙ୍କୁ ପ୍ରଥମେ ଧର୍ମଶାଳା ଡାକ୍ତରଖାନାରେ ଭର୍ତି କରିଥିଲେ । ସେଠାରେ ଔଷଧ ଦେବା ପରେ ଯନ୍ତ୍ରଣା ନକମିବାରୁ ପରିବାର ଲୋକେ ତାଙ୍କୁ କଟକ ମେଡିକାଲରେ ପରୀକ୍ଷା କରିବା ପରେ ତାଙ୍କ ପେଟରେ କ୍ୟାନସର ହୋଇଥିବା ଜଣାପଡିଥିଲା । ହବିବ ଏବେ ଘରେ ରହି ଔଷଧ ଖାଉଛନ୍ତି। ତେବେ ଡାକ୍ତର ତାଙ୍କୁ କେମୋ ନେବା ପାଇଁ ପରାମର୍ଶ ଦେଇଥିବା ବେଳେ ଏଥିପାଇଁ ଟଙ୍କା ଯୋଗାଡ ନହୋଇପାରିବାରୁ ସେ କେମୋ ନେବାରୁ ବଂଚିତ ହୋଇଛନ୍ତି। ତେବେ କୌଣସି ସହୃଦୟ ବ୍ୟକ୍ତି କିମ୍ବା ଅନୁଷ୍ଠାନ ସହାୟତାର ହାତ ବଢାଇଲେ ସେ ସୁସ୍ଥ ହୋଇପାରନ୍ତେ। ଏନେଇ ପ୍ରଶାସନିକସ୍ତରରେ ମଧ୍ୟ ତାଙ୍କୁ ସହାୟତା ଯୋଗାଇଦେବାକୁ ଦୃଷ୍ଟି ଆକର୍ଷଣ କରାଯାଇଛି ।

# ବିଶିଷ୍ଟ ସମାଜସେବୀ ତଥା ଶିକ୍ଷାବିତ୍ ନନ୍ଦକୁମାର ମହାପାତ୍ର ପାଇବେ ଚଳିତବର୍ଷର ଗାନ୍ଧୀ ଗୌରବ ସମ୍ମାନ



ଭୁବନେଶ୍ୱର, (ପି.ଏନ): ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନଙ୍କ ସ୍ମୃତିରେ ଦ୍ୱିତୀୟ 'ଗାନ୍ଧୀ ଗୌରବ ସମ୍ମାନ' ଚଳିତବର୍ଷ ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ତଥା ସମବାୟ କ୍ଷେତ୍ରରେ ଦୀର୍ଘ ୬୦ ବର୍ଷ ଧରି କାର୍ଯ୍ୟ କରିଥିବା ଶରତ ଚନ୍ଦ୍ର ବିଦ୍ୟାପୀଠର ପୂର୍ବତନ ପ୍ରଧାନ ଶିକ୍ଷକ ଏବଂ ବାରିପଦାରେ ଉତ୍କଳମଣି ବି.ଇଡି କଲେଜର ପ୍ରତିଷ୍ଠାତା ଶ୍ରୀ ନନ୍ଦ କୁମାର ମହାପାତ୍ରଙ୍କୁ ଚଳିତବର୍ଷର ଗାନ୍ଧୀ ଗୌରବ ସମ୍ମାନ ପ୍ରଦାନ କରାଯିବ ବୋଲି ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟର ସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି। ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତିଙ୍କ ଅଧକ୍ଷତାରେ ଗଠିତ କମିଟି ଶ୍ରୀ ମହାପାତ୍ରଙ୍କ ନାମ ସୁପାରିଶ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରଥମ ଗାନ୍ଧୀ ଗୌରବ ସମ୍ମାନ ୨୦୧୯ ମସିହାରେ ଶ୍ରୀମଦ୍ ବାବା ବଳିଆଙ୍କୁ ପ୍ରଦାନ କରାଯାଇଥିଲା। ସଂଗ୍ରାମୀ ସ୍ୱର୍ଗତ ପ୍ରଧାନଙ୍କ ଦ୍ୱାରା ଗଠିତ ଏହି ଟ୍ରଷ୍ଟର ବାର୍ଷିକ ଉତ୍ସବ ତଥା ସଂଗ୍ରାମୀ ଦୋଳଗୋବିନ୍ଦ ପ୍ରଧାନଙ୍କ ୯୭ତମ ଜୟନ୍ତୀ ଉତ୍ସବ ଚଳିତ ମାସ ୨୮ ତାରିଖ ଦିନ ଭୁବନେଶ୍ୱର ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହେବ। ଏହି ଅବସରରେ କୋଳଥିଆସ୍ଥିତ ସ୍ମୃତିବନଠାରେ ସ୍ମୃତି ବୃକ୍ଷରେ ବନ୍ଦାପନା ହେବ ଓ ନହରକଣ୍ଟାସ୍ଥିତ ଶିଶୁ ଆଶ୍ରମର ଅନ୍ତେବାସୀମାନଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯିବ ବୋଲି ମ୍ୟାନେଜିଂ ଟ୍ରଷ୍ଟି ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ରଙ୍କ ସୂତ୍ରରୁ ପ୍ରକାଶ। ଆଜିର ବୈଠକରେ ଡଃ ସୌରେନ୍ଦ୍ର କୁମାର ମହାପାତ୍ର, ଡଃ ବଦ୍ରୀନାଥ ପଟ୍ଟନାୟକ, ସୀତାବଲ୍ଲଭ ମହାପାତ୍ର, ଶ୍ରୀମତୀ ଦେବଜାନୀ ରାୟ, ବରୁଣ ରାଜ ଓ ପୁଷ୍ପରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଭାରସାମ୍ୟ ହରାଇ ଟ୍ରକ ଓଲଟିଲା

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ଲୋକନାଥ ସିନେମା ହଲ ନିକଟରେ ଆଜି ଭୋର ସମୟରେ ଏକ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଥିଲା। ଟ୍ରକଟି ମାଲ ବୋଝେଇ କରି କଲିକତା ଅଭିମୁଖେ ଯାଉଥିବା ବେଳେ ଜାରକା ସିନେମା ହଲ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଡ୍ରେନ ଉପରେ ଚଢିଯାଇ ଓଲଟି ପଡିଥିଲା। ତେବେ ଏହି ଦୁର୍ଘଟଣାରେ ଗାଡିର ଡ୍ରାଇଭର ଓ ହେଲପର ଆହତ ହୋଇଛନ୍ତି କିମ୍ବା ଫେରାର ହୋଇଯାଇଛନ୍ତି ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଖବର ପାଇ ଜାରକା ବିଟ ହାଉସ ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ଅଧିକ ତଦନ୍ତ ଚଳାଇଛି।

## ରାଜଭାଷାର ପ୍ରଚାର ଏବଂ ପ୍ରସାର ପାଇଁ ନାଲକୋ ଦ୍ୱାରା ଭୁବନେଶ୍ୱରରେ ଅବସ୍ଥିତ କେନ୍ଦ୍ରୀୟ ଲୋକ ଉଦ୍ୟମ କାର୍ଯ୍ୟାଳୟଗୁଡ଼ିକ ମଧ୍ୟରେ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଆୟୋଜିତ



ଭୁବନେଶ୍ୱର, (ପି.ଏନ):ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନସ୍ଥ ରାଜଭାଷା ବିଭାଗର ନିର୍ଦ୍ଦେଶାନୁସାରେ ଗଠିତ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ଉପକ୍ରମ), ଭୁବନେଶ୍ୱର ଦ୍ୱାରା କେନ୍ଦ୍ରୀୟ ନବରତ୍ନ ଉଦ୍‌ଯୋଗ ନ୍ୟାସନାଲ୍ ଆଲୁମିନିୟମ କମ୍ପାନୀଲିମିଟେଡ୍ (ନାଲକୋ) ର ଅଧ୍ୟକ୍ଷତାରେ ଏବଂ ଆଜାଦୀ କା ଅମୃତ ମହୋତ୍ସବ ଅନ୍ତର୍ଗତ ଏକ କାର୍ଯ୍ୟକ୍ରମ ହିସାବରେ, ଭୁବନେଶ୍ୱରଠାରେ, ରାଜଭାଷା ହିନ୍ଦୀ ପ୍ରଚାର ଏବଂ ପ୍ରସାରପାଇଁ ଏକ ପ୍ରଶ୍‌ନୋତ୍ତରୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ଉପକ୍ରମ)ର ଅଧକ୍ଷ କାର୍ଯ୍ୟଳୟ ହିସାବରେ ନାଲକୋ ସର୍ବଦା ପ୍ରେରଣା ଏବଂ ପ୍ରୋତ୍ସାହନ ମାଧମରେ ରାଜଭାଷାର କାର୍ଯ୍ୟକାରିତା ପାଇଁ ଅଭିନବ ପଦକ୍ଷେପ ଗ୍ରହଣକରି ଆସିଛି।

## ମନ୍ତ୍ରୀଙ୍କ ଆଗରେ ଦାବି ଜଣାଇଲେ ସାମ୍ବାଦିକ : ମାସକୁ ଗୋଟିଏ ଦିନ ଅଭିଯୋଗ ଶୁଣାଣୀ ହେଉ



ଭୁବନେଶ୍ୱର, (ପି.ଏନ): ରାଜ୍ୟ ସରକାରଙ୍କ ପ୍ରାୟ ସମସ୍ତ ବିଭାଗରେ ପ୍ରତି ସପ୍ତାହରେ ଅଭିଯୋଗ ଶୁଣାଣୀ କରାଯାଉଛି। ଯାହାଫଳରେ ନିରୀହ ଜନସାଧାରଣ ଓ ଗରିବ ଗୁରୁବାମାନଙ୍କର ବହୁ ସମସ୍ୟାର ଆଶୁ ସମାଧାନ ହୋଇପାରୁଛି। କିନ୍ତୁ ପରିତାପର ବିଷୟ ଯେ, ସୂଚନା ଓ ଲୋକସମ୍ପର୍କ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଅଭିଯୋଗ ଶୁଣାଣୀ କରାଯାଉନାହିଁ। ଯାହାଫଳରେ ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ସହ ଜଡ଼ିତ ବହୁ ସମସ୍ୟା ବର୍ଷ ବର୍ଷ ଧରି ସମାଧାନ ହୋଇନପାରି ପଡ଼ିରହୁଛି। ଏଭଳି ସ୍ଥିତିରେ ମାସକୁ ଅନୂନ୍ୟ ଗୋଟିଏ ଦିନ ଅଭିଯୋଗ ଶୁଣାଣୀ ସୂଚନା ଓ ଲୋକସମ୍ପର୍କ ଭବନ ନିର୍ଦ୍ଦେଶାଳୟରେ କରାଗଲେ ସାମ୍ବାଦିକ ଓ ସମ୍ବାଦପତ୍ର କ୍ଷେତ୍ର ସହ ଜଡ଼ିତ ବହୁ ସମସ୍ୟା ଦୂରୀଭୂତ ହୋଇପାରିବ। ଏନେଇ ସାମ୍ବାଦିକମାନେ ନବନିଯୁକ୍ତ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମନ୍ତ୍ରୀ ଏନେଇ ପଦକ୍ଷେପ ନେବେବୋଲି ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟ ଜଙ୍ଗଲ ଓ ପରିବେଶ, ଜଳବାୟୁ ପରିବର୍ତ୍ତନ ତଥା ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ପ୍ରଦୀପ କୁମାର ଅମାତ ନୂତନ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଲୋକସେବା ଭବନସ୍ଥିତ ସାମ୍ବାଦିକମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରକୋଷ୍ଠ (ପ୍ରେସ୍ ଲାଉଞ୍ଜ)ଠାରେ ବରିଷ୍ଠ ତଥା ଅଧିସ୍ୱୀକୃତ ସାମ୍ବାଦିକମାନେ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ସହ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏହି ପରିପ୍ରେକ୍ଷୀରେ ଗଣମାଧ୍ୟମ ପ୍ରତିନିଧିମାନେ ମନ୍ତ୍ରୀ ଶ୍ରୀ ଅମାତଙ୍କୁ ଜଣେ ସରଳ, ଅମାୟିକ, ଦରଦୀ, ଅଭିଜ୍ଞ ତଥା ଲୋକପ୍ରିୟ ବ୍ୟକ୍ତିତ୍ୱ ଭାବେ ଅଭିହିତ କରିବା ସହିତ ସେ ପୂର୍ବରୁ ଓଡିଶା ବିଧାନସଭାର ବାଚ୍‌ସ୍ପତି ଓ ବିଭିନ୍ନ ବିଭାଗରେ ମନ୍ତ୍ରୀ ରୂପେ ସୁଚାରୁ ରୂପେ ଦାୟିତ୍ୱ ନିର୍ବାହ କରିଥିବା ପ୍ରକାଶ କରିଥିଲେ। ଆଲୋଚ୍ନା ସମୟରେ ଅଧିସ୍ୱୀକୃତି ପାଇଁ ଆବେଦନ କରି ଦୀର୍ଘଦିନ ପଡ଼ି ରହିଥିବା ସାମ୍ବାଦିକମାନଙ୍କୁ ସ୍ୱୀକୃତି ପ୍ରଦାନ ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବା ଲାଗି ସେମାନେ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ମନ୍ତ୍ରୀ ଶ୍ରୀ ଅମାତ ପୂର୍ବରୁ ସାମ୍ବାଦିକମାନଙ୍କ ସହିତ ସୁସମ୍ପର୍କ ରଖି ଆସିଛନ୍ତି। ତେଣୁ ଆଗାମୀ ଦିନରେ ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ମନ୍ତ୍ରୀ ସହୃଦୟତା ପ୍ରକାଶ କରିବେ ବୋଲି ସେମାନେ ଆଶାବ୍ୟକ୍ତ କରିଥିଲେ । ମନ୍ତ୍ରୀ ଶ୍ରୀ ଅମାତ କହିଥିଲେ ଯେ, ଗଣତନ୍ତ୍ରର ଚ଼ତୁର୍ଥ ସ୍ତମ୍ଭ ହୋଇଥିବାରୁ ଗଣମାଧ୍ୟମର ପ୍ରତିନିଧିମାନଙ୍କର ସୁଚ଼ିନ୍ତିତ ମତାମତକୁ ସେ ସବୁବେଳେ ପ୍ରାଧାନ୍ୟ ଦେଇ ଆସିଛନ୍ତି। ଆଗାମୀ ଦିନରେ ସମସ୍ତଙ୍କ ସହିତ ଆଲୋଚ଼ନା ଓ ପର୍ଯ୍ୟାଲୋଚ଼ନା କରି ସେମାନଙ୍କର ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ଓଡିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ସମସ୍ତ ଗଣମାଧ୍ୟମର ସହଯୋଗ କାମନା କରିଥିଲେ। ଆଲୋଚନା ସମୟରେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚ଼ିବ ଶ୍ରୀ ପ୍ରଦୀପ କୁମାର ରାଉତ, ସୂଚ଼ନା ଓ ଲୋକ ସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ମାନସ ରଞ୍ଜନ ଖୁଣ୍ଟିଆ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସନତ ମିଶ୍ର, ବିମଳ ଭଞ୍ଜଦେଓ, ବୈଷ୍ଣବ ଚ଼ରଣ ଜେନା, ବିଜୟ କୁମାର ପଣ୍ଡା, ଦେବକାନ୍ତ ମହାପାତ୍ର, ଗିରିଧାରୀଲାଲ ଷଡଙ୍ଗୀ, ସଞ୍ଜୀୟ କୁମାର ପ୍ରଧାନ, ଅଭିନାଶ ମିଶ୍ର, କିଶୋର ମଙ୍ଗରାଜ, ଭାଗବତ ତ୍ରିପାଠୀ, ରମେଶ ମହାନ୍ତି, ପାର୍ଥ ସାରଥୀ ଜେନା, ପ୍ରକାଶ ମହାପାତ୍ର, ସୁକାନ୍ତ ମହାପାତ୍ର ଓ ବଳରାମ ନନ୍ଦଙ୍କ ସମେତ ଭୁବନେଶ୍ୱର ଜିଲ୍ଲା ସୂଚ଼ନା ଓ ଲୋକ ସମ୍ପର୍କ ଅଧିକାରୀ ପଠାଣି ରାଉତ, ସୂଚ଼ନା ଅଧିକାରୀ ସୌରଭ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray